76th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୬୨ ● କଟକ ● ବୁଧବାର ● ୧୦ ମଇ-୨୦୨୩ ● ମେଷ ୨୪ ● ସାଲ୍ ୧୪୩୦
CUTTACK ● WEDNESDAY ● 10 MAY-2023 ● RNI Regd.No.4001/57
ମୂଲ୍ୟ : ₹୫ ଟଙ୍କା

## କର୍ଣ୍ଣାଟକରେ ଆଜି ମତଦାନ

ନୂଆଦିଲ୍ଲୀ :କର୍ଣ୍ଣାଟକରେ ୨୨୪ ବିଧାନ ସଭା ଆସନ ପାଇଁ ଆଜି ମତଦାନ ହେଉଛି। ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ମତଦାନ ଚାଲିବ । ସାରା ରାଜ୍ୟରେ ସମୁଦାୟ ୫୮ ହଜାର ୫୪୫ ମତଦାନ କେନ୍ଦ୍ରରେ ୫.୨୧ କୋଟିରୁ ଅଧିକ ମତଦାତା ସେମାନଙ୍କର ମତଦାନ କରିବେ । ଏହି ମତଦାତା ମାନେ ୨୬୧୫ ପ୍ରାର୍ଥୀଙ୍କର ଭାଗ୍ୟ ନିର୍ଦ୍ଧାରଣ କରିବେ । ଆୟୋଗଙ୍କ କହିବାନୁସାରେ ୨୨୪ ବିଧାନସଭା ଆସନ ପାଇଁ ୫୮,୨୮୨ ମତଦାନ କେନ୍ଦ୍ର ତିଆରି କରାଯାଇଛି । ଏଥି ମଧ୍ୟରୁ ୫୦ ପ୍ରତିଶତ ମତଦାନ କେନ୍ଦ୍ରରେ ୱେବକାଷ୍ଟିଂର ସୁବିଧା କରାଯାଇଛି । ମଦଦାନର ସୁବିଧା ପାଇଁ ୧୩୨୦ ମତଦାନ କେନ୍ଦ୍ରରେ ମହିଳା ଅଧିକାରୀଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପର୍ଣ୍ଣ ହେବ । ବରିଷ୍ଠ ନାଗରିକ ତଥା ଭିନ୍ନକ୍ଷମ ମାନଙ୍କ ପାଇଁ ମତଦାନ କେନ୍ଦ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ପ୍ରଥମ ଥର ପାଇଁ କର୍ନାଟକରେ ୧୨.୧୫ ଲକ୍ଷ ଲୋକ ୮୦ ବର୍ଷରୁ ଅଧିକ ଏବଂ ୫.୫୫ ଲକ୍ଷ ବେଂଚମାର୍କ ବିବ୍ୟାଙ୍ଗ ମାନଙ୍କ ମତଦାନ ପାଇଁ ଘରୁ ମତଦାନ ଦେବାର ବ୍ୟବସ୍ଥା କରାଯାଇଛି ।

## ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଗିରଫ

ଇସଲାମାବାଦ: ଶେଷରେ ଗିରଫ ହୋଇଛନ୍ତି ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ। ଆଜି ସେ ଗୋଟିଏ ମାମଲାରେ ଇସଲାମାବାଦ ହାଇକୋର୍ଟରେ ହାଜର ହେବାକୁ ଯାଉଥିଲେ। କିନ୍ତୁ କୋର୍ଟ ବାହାରେ ହିଁ ପୁଲିସ୍ ? ତାଙ୍କୁ ଗିରଫ କରିଛି। ଏହାକୁ ନେଇ ତାଙ୍କ ଦଳ ପିଟିଆଇର କର୍ମୀ ଓ ନେତାମାନେ ବିକ୍ଷୋଭ ଆରମ୍ଭ କରି ଦେଇଛନ୍ତି। ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ପାକିସ୍ତାନ ରେଞ୍ଜର୍ସ ଇମ୍ରାନ ଖାନଙ୍କୁ ଗିରଫ କରିଛି। ଅଲ-କାଦିର ଟ୍ରଷ୍ଟ ମାମଲାରେ ଏପରି ଗିରଫଦାରୀ ହୋଇଛି। ଇମ୍ରାନ ଖାନଙ୍କ ନାଁରେ ଏକାଧିକ ଏଫଆଇଆର ରୁଜୁ ହୋଇଥିଲା। ଏହି ଘଟଣାରେ ସେ ଜାମିନ ପାଇବା ପାଇଁ ଆଜି ଇସଲାମାବାଦ ହାଇକୋର୍ଟରେ ହାଜର ହେବାକୁ ଯାଉଥିଲେ। କିନ୍ତୁ ସେ କୋର୍ଟ ବାହାରେ ଥିବା ବେଳେ ସୁରକ୍ଷାକର୍ମୀମାନେ ତାଙ୍କୁ ଗିରଫ କରିବା ସହ ଗୋଟିଏ କଳା ରଙ୍ଗର ଭିଗୋରେ ଅନ୍ୟତ୍ର ନେଇଯାଇଛନ୍ତି। ସୂଚନାଯୋଗ୍ୟ ଇମ୍ରାନ ଖାନ ଇସଲାମାବାଦ ହାଇକୋର୍ଟର ବାୟୋମେଟ୍ରିକ ରୁମରେ ରହିଥିଲେ। ଏହି ସମୟରେ ହଠାତ୍ ରେଞ୍ଜର୍ସମାନେ ଧସେଇ ପଶିଥିଲେ। ଏହାପରେ ତାଙ୍କ ଓକିଲଙ୍କୁ ମାଡ଼ ମାରି ଇମ୍ରାନ ଖାନଙ୍କୁ ଅପହରଣ କରି ନେଇଛନ୍ତି। କୋର୍ଟ ରୁମର କାଚ ଓ ଇମ୍ରାନ ଖାନଙ୍କ ଗାଡ଼ିକୁ ମଧ୍ୟ ସେମାନେ ଭାଙ୍ଗି ଦେଇଥିବା ଦଳ ଅଭିଯୋଗ କରିଛି। ଏଥିସହ ପିଟିଆଇର ସମସ୍ତ କର୍ମୀ ଓ ସାଧାରଣ ଲୋକଙ୍କୁ ଏପରି କାର୍ଯ୍ୟାନୁଷ୍ଠାନ ବିରୋଧରେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ଦଳ ଆହ୍ୱାନ ମଧ୍ୟ ଦେଇଛି। ଗତବର୍ଷ ଏପ୍ରିଲ ମାସରେ ଆସ୍ଥା ଭୋଟ ଜରିଆରେ ଇମ୍ରାନ ଖାନ ପାକିସ୍ତାନର ପ୍ରଧାନମନ୍ତ୍ରୀ ପଦରୁ ବିଦା ହୋଇଥିଲେ। ଏହାପରେ ତାଙ୍କ ନାଁରେ ଏକାଧିକ ଦୁର୍ନୀତି ଠାରୁ ଆରମ୍ଭ କରି ପଦର ଅପବ୍ୟହାର ଓ ଉପହାର ଲୁଟ ଭଳି ମାମଲା ରୁଜୁ କରାଯାଇଛି। ବିଭିନ୍ନ ମାମଲାରେ ସେ ଜାମିନ ମଧ୍ୟ ପାଇଛନ୍ତି। ତେବେ ଏସବୁ ଘଟଣା ପଛରେ ଇମ୍ରାନ ଖାନ ଆମେରିକାର ଷଡ଼ଯନ୍ତ୍ର ରହିଥିବା କହିଛନ୍ତି।



### କମାଣ୍ଡରଙ୍କ ଘରେ ନିଆଁ ଲଗାଇଲେ ବିକ୍ଷୋଭକାରୀ

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଗିରଫଦାରୀ ପରେ ଅଶାନ୍ତ ହୋଇ ପଡ଼ିଛି ପୂରା ଦେଶ। ଇମ୍ରାନ ଖାନଙ୍କ ଦଳ ପିଟିଆଇର ଶତାଧିକ କର୍ମୀ ଓ ନେତା ପୂରା ଦେଶରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସ୍ଥିତିକୁ ଦେଖି ସରକାର ୧୪୪ ଧାରା ଲାଗୁ କରିଥିଲେ ହେଁ ହିଂସା ଥମିବାର ନାଁ ଧରୁନି। ସ୍ଥିତି ଏପରି ହୋଇଛି ଯେ ଆର୍ମି ମୁଖ୍ୟାଳୟ ବାହାରେ ଶତାଧିକ ବିକ୍ଷୋଭକାରୀ ଏକାଠି ହେବା ସହ ପଥର ମାଡ଼ କରିଛନ୍ତି। ସେମାନେ ଏହା ଭିତରକୁ ମଧ୍ୟ ଧସେଇ ପଶିଛନ୍ତି । ସୁରକ୍ଷାକର୍ମୀମାନେ ବିକ୍ଷୋଭକାରୀଙ୍କୁ ବାହାର କରିବା ପାଇଁ ଲୁହ ବୁହା ଗ୍ୟାସ ଠାରୁ ଆରମ୍ଭ କରି ପାଣି ମାଡ଼ କରିଥିଲେ ମଧ୍ୟ କିଛି ବି ଲାଭ ମିଳିନି। ସମୟ ବିତିବା ସହ ବିକ୍ଷୋଭ ଅଧିକ ତୀବ୍ର ହେବାରେ ଲାଗିଛି। ସେହିପରି ଲାହାରୋ କ୍ୟାଣ୍ଟନମେଣ୍ଟରେ ଥିବା କ୍ରପ୍ସ କମାଣ୍ଡମାନଙ୍କ ଘର ଭିତରକୁ ମଧ୍ୟ ବିକ୍ଷୋଭକାରୀ ପ୍ରବେଶ କରି ଲଙ୍କାକାଣ୍ଡ ଘଟାଇଛନ୍ତି। ସେମାନେ ସେଠାରେ ଥିବା କମାଣ୍ଡରଙ୍କ ଘରେ ନିଆଁ ଲଗାଇ ଦେବା ସହ ପଥର ମାଡ଼ କରିଛନ୍ତି। ଏଥିସହ ଇମ୍ରାନ ଖାନଙ୍କ ସପକ୍ଷରେ ନାରା ବାଜି କରି ତାଙ୍କୁ ହଇରାଣ ନ କରିବାକୁ ଚେତାବନୀ ଦେଇଛନ୍ତି।



## ଆଜି ଝାରସୁଗୁଡା ଉପନିର୍ବାଚନ

ଭୁବନେଶ୍ୱର(ପିପିଏସ୍):ଝାରସୁଗୁଡା ଉପନିର୍ବାଚନ ପାଇଁ ଆସନ୍ତାକାଲି (ବୁଧବାର) ଭୋଟ୍ ଗ୍ରହଣ ହେବ। ସକାଳ ୭ଟାରୁ ସଂଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ମତଦାନ ହେବ। ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ମୃତ୍ୟୁ ପରେ ଝାରସୁଗୁଡାରେ ଉପନିର୍ବାଚନ ଅନୁଷ୍ଠିତ ହେଉଛି। ଉପନିର୍ବାଚନ ମଇଦାନରେ ମୋଟ ୯ ଜଣ ପ୍ରାର୍ଥୀ ରହିଛନ୍ତି। ସ୍ୱର୍ଗତ ନବ ଦାସଙ୍କ ଝିଅ ଦୀପାଳିଙ୍କୁ ବିଜେଡି ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ କରିଥିବା ବେଳେ ବିଜେପି ଟଙ୍କଧର ତ୍ରିପାଠୀ ଓ କଂଗ୍ରେସ ତରୁଣ ପାଣ୍ଡେଙ୍କୁ ପ୍ରାର୍ଥୀ କରିଛି।

୧୯୭ଟି ସ୍ଥାନରେ ୨୫୩ଟି ବୁଥ୍ ରେ ମତଦାନ ହେବାକୁ ଥିବାବେଳେ ସେଥିମଧ୍ୟରେ ୨୬ଟି ପିଙ୍କ୍ ବୁଥ୍ ରହିଛି। ପ୍ରତି ବୁଥ୍ ପାଇଁ ୪ଜଣ ଲେଖାଏ ହିସାବରେ ୧୦୧୨ଜଣ ଅଧିକାରୀ ମୁତୟନ ହୋଇଥିବାବେଳେ ୨୪ଟି ଟିମ୍ ସଂରକ୍ଷିତ ଅଛନ୍ତି। ୪୦ଟି ମଡେଲ୍ ବୁଥ୍ କରାଯାଇଛି।

ଉପନିର୍ବାଚନରେ ୨,୨୧,୭୧୯ ଜଣ ମତଦାତା ମତଦାନ କରିବାକୁ ଥିବାବେଳେ ଏଥିରେ ୧,୧୦,୬୧୯ଜଣ ପୁରୁଷ, ୧,୧୧,୦୩୭ଜଣ ମହିଳା, ୬୩ଜଣ କିନ୍ନର, ୨୫୩୪ଜଣ ଭିନ୍ନକ୍ଷମ ଏବଂ ୨୪୯ଜଣ ସର୍ଭିସ ମତଦାତା ଅଛନ୍ତି। ଏହିଦିନଟି ସବୈତନିକ ଛୁଟି ଭାବେ ଘୋଷଣା କରାଯାଇଛି। ନିର୍ବାଚନରେ ୩୩୦ଜଣ ବରିଷ୍ଠ ନାଗରିକ / ଭିନ୍ନକ୍ଷମ ପୋଷ୍ଟାଲ ବାଲାଟ୍ ରେ ଭୋଟ୍ ଦେବାକୁ ଆବେଦନ କରିଥିବାବେଳେ ଏଥିରୁ ୩୨୧ଜଣ ମତଦାନ କରିଛନ୍ତି। ଏଥର ସମସ୍ତ ୨୫୩ଟି ବୁଥ୍‌ରେ ୱେବକାଷ୍ଟିଂ ହେବାକୁ ଥିବାବେଳେ ୬୯ଟି ସ୍ଥାନରେ ଥିବା ୧୧୬ଟି ସମ୍ବେଦନଶୀଳ ବୁଥ୍ ପାଇଁ ୬୯ଜଣ ମାଇକ୍ରୋ ଅବଜରଭରଙ୍କୁ ନିୟୋଜିତ କରାଯାଇଛି। ଏହାସହ ଅତିରିକ୍ତ ସିଏପିଏଫ୍ ଯବାନ୍ ମୁତୟନ କରାଯାଇଛି।

ଉପନିର୍ବାଚନ ପାଇଁ ୧୮୧୪ଜଣ ପୁଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏଥିରେ ୧୫୫ଜଣ ପୁଲିସ ଅଧିକାରୀ, ୧୭ ପ୍ଲାଟୁନ୍ ସଶସ୍ତ୍ର ପୁଲିସ, ୩୨୩ଜଣ ହାବିଲଦାର/କନଷ୍ଟେବଲ, ୨୦୫ଜଣ ହୋମଗାର୍ଡ, ୭ କମ୍ପାନି ସିଏପିଏଫ୍ ଯବାନ ଅଛନ୍ତି। ୧୪୪ଟି ବୁଥ୍‌ରେ ସିଏପିଏଫ୍ ଯବାନ ମୁତୟନ ହେବେ।

## ନଦୀରେ ପଡ଼ିଲା ବସ୍, ୨୨ ମୃତ

ଖରଗୋନ: ମଧ୍ୟପ୍ରଦେଶର ଖରଗୋନ ଜିଲ୍ଲାରେ ମଙ୍ଗଳବାର ସକାଳେ ଏକ ଯାତ୍ରୀବାହୀ ବସ୍ ବୋରାଡ ନଦୀର ପୋଲର ରେଲିଂ ଭାଙ୍ଗି ୫୦ ଫୁଟ୍ ତଳକୁ ନଦୀରେ ଯାଇ ପଡ଼ିଛି। ଏହି ଦୁର୍ଘଟଣାରେ ବସ୍‌ରେ ଥିବା ୨୨ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ତିନି ଶିଶୁ, ନଅ ମହିଳା ଏବଂ ୧୦ ପୁରୁଷ ସାମିଲ ଅଛନ୍ତି। ଅନ୍ୟ ୩୦ ଯାତ୍ରୀ ଆହତ ହୋଇଛନ୍ତି, ଯେଉଁମାନଙ୍କୁ ଜିଲ୍ଲା ହସ୍ପିଟାଲରେ ଭର୍ତି କରାଯାଇଛି। ଏଥିରୁ ସାତ ଯାତ୍ରୀ ଗମ୍ଭୀର ରୂପେ ଆହତ ହୋଇଛନ୍ତି, ଯେଉଁମାନଙ୍କ ପ୍ରାଥମିକ ଉପଚାର ପରେ ଇନ୍ଦୋର ରେଫର କରାଯାଇଛି। ଗୃହମନ୍ତ୍ରୀ ନରୋତମ ମିଶ୍ର କହିଛନ୍ତି ଯେ ମାଜିଷ୍ଟ୍ରିୟଲ ଯାଂଚର ଆଦେଶ ଦିଆଯାଇଛି। ସୂଚନା ଅନୁଯାୟୀ ଖରଗୋନ ଜିଲ୍ଲାର ଗ୍ରାମ ଟାଂଡା ବରୁଡ଼ ପାଖରେ ଶ୍ରୀଖଣ୍ଡୀ ଗାଆଁରୁ ଇନ୍ଦୋର ଯାଉଥିବା ମା ଶାରଦା ଟ୍ରାଭେଲ୍‌ର ବସ୍‌ରେ ୫୦ରୁ ୬୦ ଲୋକ ସବାର ଥିଲେ। ବସ୍ ମଙ୍ଗଳବାର ସକାଳ ପ୍ରାୟ ୮.୩୦ରେ ଡୋଂଗରଗାଁଓ ଏବଂ ଦଂସଗା ମଧ୍ୟରେ ବୋରାଡ ନଦୀର ପୋଲରୁ ତଳକୁ ପଡ଼ିଯାଇଥିଲା। କୁହାଯାଉଛି ଯେ ବସ୍ ପୋଲର ବିପରୀତ ପାର୍ଶ୍ୱର ରେଲିଂ ଭାଙ୍ଗି ପାଖାପାଖି ୫୦ ଫୁଟ୍ ତଳକୁ ଯାଇ ପଡ଼ିଥିଲା।

## ମେଣ୍ଟ ନେଇ ଆଲୋଚନା ହୋଇନି : ନୀତିଶ

ଭୁବନେଶ୍ୱର:ଆମେ ପୁରୁଣା ବନ୍ଧୁ। ସହକର୍ମୀ ମଧ୍ୟ। ବାଜପାୟୀଙ୍କ କ୍ୟାବିନେଟ୍ ରେ ଆମେ ସହକର୍ମୀ ଥିଲୁ। ରାଜନୈତିକ ମେଂଟ ନେଇ କୌଣସି ଆଲୋଚନା ହୋଇନାହିଁ ବୋଲି କହିଛନ୍ତି ଦୁଇ ମୁଖ୍ୟମନ୍ତ୍ରୀ ନବୀନ - ନୀତିଶ।

ମଙ୍ଗଳବାର ଦିନ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ। ଉଭୟଙ୍କ ମଧ୍ୟରେ ଆଲୋଚନା ପରେ ଉଭୟ ଗଣମାଧ୍ୟମକୁ ଏକସଙ୍ଗରେ ପ୍ରତିକ୍ରିୟା ଦେଇଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ ଯେ ନୀତିଶ ଓଡିଶା ଆସିଥିବାରୁ ସେ ଖୁସି। ଆମେ ପୁରୁଣା ବନ୍ଧୁ। ବହୁ ବର୍ଷ ତଳେ ଆମେ ସହକର୍ମୀ ଥିଲୁ। ବାଜପାୟୀଙ୍କ କ୍ୟାବିନେଟ୍ ରେ ଆମେ ମନ୍ତ୍ରୀ ଥିଲୁ। ଜଗନ୍ନାଥ ଧାମ ପୁରୀକୁ ଆସୁଥିବା ବିହାରର ଲୋକମାନଙ୍କ ରହଣି ସୁବିଧା ପାଇଁ ବିହାର ସରକାର ବିହାର ଭବନ ନିର୍ମାଣ ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ପୁରୀରେ ବିହାର ଭବନ ପାଇଁ ଓଡିଶା ସରକାର ବିହାର ସରକାରଙ୍କୁ ଦେଢ ଏକର ଜମି ମାଗଣାରେ ଯୋଗାଇଦେବେ। ଆଜିର ବୈଠକରେ ମେଂଟ ଆଲୋଚନା ହୋଇନି କହିଲେ ନବୀନ । ସେହିପରି ନୀତିଶ କହିଛନ୍ତି ଯେ ଆମ ସମ୍ପର୍କ ଏବର ନୁହେଁ। ପୂର୍ବରୁ ବହୁବାର ଏଠାକୁ ଆସିଛି କରୋନା ଯୋଗୁଁ ଭେଟିବା ସମ୍ଭବ ହୋଇପାରୁନଥିଲା। ବହୁବର୍ଷ ଧରି ବିହାରରୁ ଶ୍ରଦ୍ଧାଳୁ ଆସୁଛନ୍ତି। ବିହାର ଭବନ ନେଇ ଆଗରୁ ଆଲୋଚନା ହୋଇଥିଲା। ଆଜି କେବଳ ନିଷ୍ପତି ହେଲା। କୌଣସି ରାଜନୈତିକ ଆଲୋଚନା ହୋଇନାହିଁ।

ସୂଚନାଯୋଗ୍ୟ ଯେ ଆଜି ଦିନ ୧୨ଟାରେ ନୀତିଶ କୁମାର ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ତାଙ୍କୁ ବିଜେଡି ପକ୍ଷରୁ ରାଜ୍ୟ ସରକାରରେ ମନ୍ତ୍ରୀ ଅଶୋକ ପଣ୍ଡା ଓ ଦେବୀ ପ୍ରସାଦ ମିଶ୍ର ସ୍ୱାଗତ କରିଥିଲେ । ଏହା ପରେ ସେ ସେଠାରୁ ସିଧା ନବୀନ ନିବାସ ପହଂଚିଥିଲେ । ନବୀନ ନିବାସ ପହଂଚିବା ପରେ ଉଭୟ ନେତା ମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା ।

## ଖାଦ୍ୟ ସୁରକ୍ଷା ସବ୍‌ସିଡି ଯୋଗାଣ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସ୍ପଷ୍ଟୀକରଣ

## ଚାରି ବର୍ଷରେ ଓଡ଼ିଶାକୁ ୩୦,୨୮୫.୯୨ କୋଟି ଦିଆଯାଇଛି

ନୂଆଦିଲ୍ଲୀ: ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ଓଡ଼ିଶା ସରକାରଙ୍କୁ ସବ୍ ?ସିଡି ଯୋଗାଣ ବିଳମ୍ବିତ ହେବାକୁ ନେଇ କେନ୍ଦ୍ର ସରକାରଙ୍କ ଖାଦ୍ୟ ଓ ସାଧାରଣ ବଂଟନ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି । ବିଭାଗ ପକ୍ଷରୁ କୁହାଯାଇଛି ଯେ, ଦେଶର ପ୍ରାୟ ୮୦ କୋଟି ହିତାଧିକାରୀଙ୍କ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ଭାରତ ସରକାରଙ୍କ ଖାଦ୍ୟ ଓ ସାଧାରଣ ବଂଟନ ବିଭାଗ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ କାର୍ଯ୍ୟକାରୀ କରୁଛି । ଯୋଜନାର କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାରଙ୍କ ପାଣ୍ଠି ଆବଶ୍ୟକତା ପୂରଣ କରିବା ଲାଗି ବିଭାଗ ପକ୍ଷରୁ ରାଜ୍ୟମାନଙ୍କୁ ଖାଦ୍ୟ ସବସିଡି ଜାରି କରାଯାଏ। ଏହି ଉଦ୍ଦେଶ୍ୟ ଲାଗି, ସମ୍ପୃକ୍ତ ରାଜ୍ୟ ସରକାରମାନଙ୍କ ସହିତ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି ଏବଂ ଏମଓୟୁରେ ଦିଆଯାଇଥିବା ସର୍ତ୍ତାବଳୀଗୁଡ଼ିକୁ ରାଜ୍ୟ ସରକାରମାନେ ପାଳନ କରିବାର ଆବଶ୍ୟକତା ରହିଛି। ପ୍ରଚଳିତ ମାର୍ଗଦର୍ଶିକା, ଅସ୍ଥାୟୀ ଖର୍ଚ୍ଚ ପତ୍ରିକା, ଓପନିଂ ଓ କ୍ଲୋଜିଂ ବାଲାନ୍ସ ଷ୍ଟକ, କ୍ରୟ, ଏନଏଫଏସଏ ଏବଂ ଅନ୍ୟ କଲ୍ୟାଣମୂଳକ ଯୋଜନା ଅଧୀନରେ ଖାଦ୍ୟଶସ୍ୟର ଆବଂଟନ ଓ ବିତରଣ, ଏଫସିଆଇ ରିକନସିଏଲେସନ ବା ତଥ୍ୟ ମେଳ କରାଯିବା, ଉପଯୋଗିତା ପ୍ରମାଣପତ୍ର ଆଦିକୁ ଆଧାର କରି ଖାଦ୍ୟ ସବସିଡି ବାବଦରେ ମିଳିବାକୁ ଥିବା ଅର୍ଥରାଶି ହିସାବ କରାଯାଇଥାଏ। ଓଡ଼ିଶା ସରକାରଙ୍କ ସହିତ ସ୍ୱାକ୍ଷରିତ ବୁଝାମଣାପତ୍ର ଅନୁଯାୟୀ, କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଂଟନ ବିଭାଗ (ଡିଏଫପିଡି) ପକ୍ଷରୁ ଗ୍ରହଣୀୟ ଖାଦ୍ୟ ସବସିଡି ନିୟମିତ ଭାବେ ରାଜ୍ୟ ସରକାରଙ୍କୁ ଜାରି କରାଯାଉଛି । ଲକ୍ଷ୍ୟ ଆଧାରିତ ସାର୍ବଜନୀନ ବିତରଣ ପ୍ରଣାଳୀ (ଟିପିଡିଏସ)/ ଅନ୍ୟ କଲ୍ୟାଣକାରୀ ଯୋଜନା (ଓଡବ୍ଲୁଏସ) ଅଧୀନରେ ଡିଏଫପିଡି ପରିବର୍ତ୍ତନୀୟ ଖର୍ଚ୍ଚର ୯୫% ପର୍ଯ୍ୟନ୍ତ ଏବଂ ସ୍ଥାୟୀ ଖର୍ଚ୍ଚର ୧୦୦% ପର୍ଯ୍ୟନ୍ତ ଖାଦ୍ୟଶସ୍ୟ ବିତରଣ ଉପରେ ରାଜ୍ୟ ସରକାରଙ୍କ ଖର୍ଚ୍ଚକୁ ଭରଣା କରିଥାଏ। ଡିଏଫପିଡି/ଏଫସିଆଇ ନିରୀକ୍ଷଣ ଦଳ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ନିମ୍ନମାନର ଖାଦ୍ୟଶସ୍ୟ ପରିମାଣକୁ କାଟି ଦେବା ପରେ ଖାଦ୍ୟ ସବସିଡି ଜାରି କରାଯାଏ। ଗତ ଚାରି ବର୍ଷ ଧରି, ସବୁ ରାଜ୍ୟ ଅନ୍ନବିତରଣ ପୋର୍ଟାଲରେ ସେମାନଙ୍କର ସଦ୍ୟତମ ବିତରଣ ତଥ୍ୟ ଦାଖଲ କରିବା ସହିତ ତଦନୁଯାୟୀ, ପୋର୍ଟାଲର ତଥ୍ୟ ସହିତ ମେଳ କରିବା ପରେ ନିଜ ସବସିଡି ଦାବି ଦାଖଲ କରିଛନ୍ତି । ଅନ୍ନବିତରଣ ପୋର୍ଟାଲରେ ରାଜ୍ୟ ସରକାରଙ୍କ ଦ୍ୱାରା ଦାବି କରାଯାଇଥିବା ବିତରଣ ତଥ୍ୟ ଏହି ପୋର୍ଟାଲରେ ଥିବା ତଥ୍ୟ ସହିତ ମେଳ ନଖାଇବା, ଚୂଡ଼ାନ୍ତ କରିବା ଲାଗି ଅଡିଟ୍ ? ହୋଇଥିବା ଏକାଉଂଟ ତଥ୍ୟ ଦାଖଲ କରାନଯିବା, ଗୁଣବତ୍ତା ସହ ଜଡ଼ିତ କାରଣକୁ ନେଇ ବିଭାଗ ଅସ୍ଥାୟୀ ରୂପରେ କିଛି ପରିମାଣର ସବସିଡି ଅର୍ଥରାଶି ଜାରି କରିବା ଉପରେ ରୋକ୍ ? ଲଗାଇଛି । ସବୁ ରାଜ୍ୟ ପାଇଁ ଏହି ସମାନ ବ୍ୟବସ୍ଥା ଗ୍ରହଣ କରାଯାଇଛି । ବିଗତ ଚାରି ବର୍ଷ ମଧ୍ୟରେ ଓଡ଼ିଶାକୁ ୩୦,୨୮୫.୯୨ କୋଟି ଟଙ୍କା ଜାରି କରାଯାଇଛି । ନିକଟରେ ରାଜ୍ୟକୁ ୨୦୮୪.୯୦ କୋଟି ଟଙ୍କା ରାଜ୍ୟକୁ ଯୋଗାଇ ଦିଆଯାଇଥିବା କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଂଟନ ବିଭାଗ କହିଛି ।

## ଲାଞ୍ଚ ନେଇ ଧରାପଡିଲେ କନିଷ୍ଠ ଯନ୍ତ୍ରୀ ଓ ଜିଆରଏସ୍

ଗଂଜାମ : ୧୦,୦୦୦ ଟଙ୍କା ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଜୁନିୟର ଇଞ୍ଜିନିୟର (କନିଷ୍ଠ ଯନ୍ତ୍ରୀ) ଓ ଗ୍ରାମ୍ୟ ରୋଜଗାର ସେବକ (ଜିଆରଏସ୍)। ଅଭିଯୁକ୍ତମାନେ ହେଲେ ଗଂଜାମ ଜିଲ୍ଲା ପୁରୁଷୋତମପୁର ବ୍ଲକ କନିଷ୍ଠ ଯନ୍ତ୍ରୀ ଜଗଦୀଶ କୁମାର ସାହୁ ଓ ଜଗନ୍ନାଥପୁର ଜିଆରଏସ୍ ଏସ ଏନ୍ ସ୍ୱାଇଁ। ସୂଚନା ଅନୁସାରେ ମନେରଗା ଅଧୀନରେ ହୋଇଥିବା ଏକ କାର୍ଯ୍ୟର ବିଲ୍ କରିବା ପାଇଁ ଉଭୟ କନିଷ୍ଠ ଯନ୍ତ୍ରୀ ଜଗଦୀଶ କୁମାର ସାହୁ ଓ ଜଗନ୍ନାଥପୁର ଜିଆରଏସ୍ ଏନ୍ ସ୍ୱାଇଁ ଜଣେ କଂଟ୍ରାକ୍ଟରଙ୍କୁ ୧୦,୦୦୦ ଟଙ୍କା ଲାଂଚ ମାଗିଥିଲେ। ଯୋଜନା ଅନୁସାରେ ଆଜି ଅଭିଯୋଗକାରୀଙ୍କ ଠାରୁ କନିଷ୍ଠ ଯନ୍ତ୍ରୀ ଶ୍ରୀ ସାହୁ ବ୍ଲକ ପରିସରରେ ଟଙ୍କା ଲାଂଚ ନେବା ବେଳେ ଭିଜିଲାନ୍ସ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଚଢ଼ଉ କରିଥିଲେ।

## ୪୦ ଡିଗ୍ରୀ ଉପରେ ୧୮ ସହରର ତାପମାତ୍ରା

ଭୁବନେଶ୍ୱର:ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମ ପ୍ରବାହ। ଆଗାମୀ ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଂଚଳରେ ଗରମ ସହ ଗୁଳୁଗୁଳି ଅନୁଭୂତ ହେବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ମଙ୍ଗଳବାର ରାଜ୍ୟର ୧୮ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ବୌଦ୍ଧରେ ମଙ୍ଗଳବାର ସର୍ବାଧିକ ୪୨.୫ ଡିଗ୍ରୀ ରେକର୍ଡ ହୋଇଛି। ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧରେ ସର୍ବାଧିକ ୪୨.୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଏହା ତଳକୁ ରହିଛି ଝାରସୁଗୁଡ଼ା। ଝାରସୁଗୁଡ଼ାରେ ୪୨.୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ବଲାଙ୍ଗୀର ୪୧.୭ ଓ ତାଳଚେର ୪୧.୬ ଡିଗ୍ରୀ ତାପମାତ୍ରା , ସମ୍ବଲପୁର, ରାଉରକେଲାରେ ତାପମାତ୍ରା ୪୧.୪ , ସୁନ୍ଦରଗଡ଼ ଓ ଅନୁଗୁଳରେ ୪୧.୧ ଡିଗ୍ରୀ , କେନ୍ଦ୍ରାପଡ଼ାରେ ୪୧, ସୋନପୁରରେ ୪୦.୯, ହୀରାକୁଦରେ ୪୦.୬, ଟିଟିଲାଗଡ଼ରେ ୪୦.୫, ନୟାଗଡ଼ରେ ୪୦.୩, ବାରିପଦାରେ ୪୦.୨, କଟକ, ଜଗତସିଂହପୁର ଓ ନୂଆପଡାରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

## ଝାରସୁଗୁଡ଼ାରେ କଂଗ୍ରେସ ଜିତିବାର ଆଶାକୁ ଧୂଳିସାତ କରାଯାଇଛି: ସୁରେଶ

କଟକ: କଂଗ୍ରେସ କନ୍ଦଳ କ୍ରମେ ତୀବ୍ର ହେବାରେ ଲାଗିଛି। ପିସିସି କାର୍ଯ୍ୟକାରୀ କମିଟି ସଦସ୍ୟ ତଥା ନଗର କଂଗ୍ରେସ୍ ସଭାପତି ସୁରେଶ ମହାପାତ୍ର ଆଜି ସାମ୍ବାଦିକ ସମ୍ମିଳନୀ ଡାକି କହିଥିଲେ ସୋମବାର ଜୟଦେବ ଭବନରେ କଂଗ୍ରେସର କିଛି ଦଳୀୟ ନେତା ଖୋଦ୍ ନିଜ ଦଳର ଦୋଷ ଦୁର୍ବଳତାକୁ ସର୍ବସମ୍ମୁଖରେ ବଖାଣିବା ଓ ବୈଠକରେ ଏପରି କହିବା ସମ୍ପୂର୍ଣ୍ଣ ଭାବେ ପ୍ରାୟୋଜିତ ଥିଲା ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ବାରବାଟୀ କଟକ ବିଧାୟକ ତଥା କଂଗ୍ରେସ ନେତା ମହମ୍ମଦ ମୋକିମ୍ ଓ ତାଙ୍କ ଭଳି କିଛି ନେତା ଏଭଳି ସଭାର ଆୟୋଜନ କରି ଜାଣିଶୁଣି ସେଠାରେ ଦଳ ଓ ଦଳର ନେତୃତ୍ୱକୁ ସମାଲୋଚନା କରିଥିଲେ। ଏଭଳି କରି ଏହି କଂଗ୍ରେସ ନେତାମାନେ ଝାରସୁଗୁଡ଼ା ଉପନିର୍ବାଚନରେ ଦଳର ସମ୍ଭାବନାକୁ କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରିଛନ୍ତି। ଝାରସୁଗୁଡ଼ାରେ କଂଗ୍ରେସ ଜିତିବାର ସମ୍ଭାବନା ଥିଲା ମାତ୍ର କିଛି ଦଳୀୟ ନେତା ସେ ସମ୍ଭାବନାକୁ ଧୂଳିସାତ କରିବାକୁ ଚେଷ୍ଟା କରିଛନ୍ତି। ଏ ?ହି ଭଳି କିଛି ନେତା ଦଳରେ ଥାଇ କଂଗ୍ରେସକୁ ତଳିତଳାନ୍ତ କରିବାକୁ ବାରମ୍ବାର ଯୋଜନା କରୁଛନ୍ତି ।ତେବେ ଝାରସୁଗୁଡା ନିର୍ବାଚନରେ କଂଗ୍ରେସକୁ ଧୂଳିସାତ କରିବାକୁ ଚକ୍ରାନ୍ତ। ସରକାରୀ ଦଳ ପ୍ରୋତ୍ସାହନରେ ଦଳ ଭିତରେ ରହି ଦଳ ବିରୋଧୀ କାର୍ଯ୍ୟକ୍ରମ ଚାଲିଛି ବୋଲି କଟକ ନଗର କଂଗ୍ରେସ ସଭାପତି ଶ୍ରୀ ମହାପାତ୍ର କହିଛନ୍ତି। କଂଗ୍ରେସର ପୁରୁଖା ନେତା ଜାନକୀ ବଲ୍ଲଭ ପଟ୍ଟନାୟକ ଓ ବସନ୍ତ ବିଶ୍ୱାଳଙ୍କ ନୀତି ଆଦର୍ଶ ଆଳରେ କଂଗ୍ରେସକୁ ଧୂଳିସାତ କରାଯିବାକୁ ଉଦ୍ୟମ ହୋଇଛି। ଏଥିରେ ଯିଏ ଆୟୋଜକ ଥିଲେ ଓ ଭାଗ ନେଇଥିଲେ ସେମାନେ ଝାରସୁଗୁଡା ନିର୍ବାଚନରେ କଂଗ୍ରେସର ପତନ ଆଶା ରଖି ଏଭଳି ହୀନ ମାନସିକତା ଦେଖାଇଛନ୍ତି।

## ସମ୍ପାଦକୀୟ

ନୂଆ ଆରବ ଇତିହାସ

## ବାଟେଘାଟେ



ଦଳରେ ରହିଣ କ୍ଷମତା ନପାଇ
ପାଉଥିଲେ ଯିଏ ବ୍ୟଥା
ସୁଯୋଗ ପାଇଲେ ଭାଷଣ ମଞ୍ଚରେ
କହୁଥିଲେ ନାନା କଥା
ଚବିଶ ମସିହା ନିର୍ବାଚନ ପାଇଁ
ମନରେ ଆସଇ ଡର
ଦଳୀୟ ଟିକେଟ ନମିଳିବ ଯଦି
ଭାଗ୍ୟ ହେବ ନାରଖାର
ବେଳ କାଳ ଦେଖି ବିବୃତି ଦିଅନ୍ତି
ଭଲ କରି ମାରି ତେଲ
କାଲି ଯିଏ ଥିଲେ କୁଚକ୍ରୀ ନୃପତି
ଆଜି ସିଏ ଭାରି ଭଲ ।

-ରାହୀ

## ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ

## ୫ ବର୍ଷରେ ଗୋଟିଏ ବି ବୈଠକ ବସିନି : ବିଜେପି

ଭୁବନେଶ୍ୱର(ପିପିଏସ୍): ରତ୍ନ ଭଣ୍ଡାର ଚାବି ହଜିବା ଓଡିଶା ଜଗନ୍ନାଥ ମନ୍ଦିର ଇତିହାସରେ ସବୁଠାରୁ କଳଙ୍କିତ ଅଧ୍ୟାୟ । ୨୦୧୮ ଠାରୁ ଓଡିଶାର ଜନସାଧାରଣଙ୍କର ଏକ ବଡ ଦାବି ହେଲା ଯେ ସରକାର ରତ୍ନ ଭଣ୍ଡାର ଖୋଲନ୍ତୁ ଓ ରତ୍ନ ଭଣ୍ଡାର ଭିତରେ ଥିବା ସମସ୍ତ ଅଳଙ୍କାର ସୁରକ୍ଷିତ ଅଛି ନା ନାହିଁ ତାହା ସ୍ପଷ୍ଟ କରନ୍ତୁ । ଏବେ ସୂଚନା ଅଧିକାର ଆଇନ ବଳରେ ରତ୍ନ ଭଣ୍ଡାର ସମ୍ପର୍କରେ ଯେଉଁ ତଥ୍ୟ ଆସିଛି ତାହା ଯେତିକି ଚିନ୍ତାଜନକ ତାଠାରୁ ବେଶି ଭୟଙ୍କର । ସୂଚନା ଅଧିକାର ଆଇନ ଆଧାରରେ ଆଇନ ବିଭାଗକୁ ପଚରା ଯାଇଥିବା ଏକ ପ୍ରଶ୍ନର ଲିଖିତ ଉତରରେ ସରକାର କହିଛନ୍ତି ଯେ ରତ୍ନ ଭଣ୍ଡାର ଚାବି ହଜିବା ଓ ରତ୍ନ ଭଣ୍ଡାର ଖୋଲିବା ନେଇ ଆଇନ ବିଭାଗ ୨୦୧୮ରୁ ଆଜି ପର୍ଯ୍ୟନ୍ତ ସେପରି କୌଣସି ବୈଠକ କରିନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଏହା ଜଗନ୍ନାଥ ବିରୋଧୀ ମାନସିକତାର ପ୍ରତିଫଳନ ବୋଲି ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ରାଜ୍ୟ ବିଜେପି ମୁଖପାତ୍ର ଅନିଲ ବିଶ୍ୱାଳ ।

ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୬୦ର ଧାରା ୬ର ଉପଧାରା ୧ ଅନୁସାରେ ରତ୍ନ ଭଣ୍ଡାରର ଭିତର ଭଣ୍ଡାର ଖୋଲିବା ପାଇଁ ରାଜ୍ୟ ସରକାର ହେଉଛନ୍ତି କ୍ଷମତାପ୍ରାପ୍ତ । ରତ୍ନ ଭଣ୍ଡାର ଚାବି ହଜିବା ଘଟଣା ୨୦୧୮ ମସିହାରୁ ଆଜି ପର୍ଯ୍ୟନ୍ତ ସବୁବେଳେ ଚର୍ଚ୍ଚାରେ ରହି ଆସିଛି । ଗଣମାଧ୍ୟମରେ, ବିଧାନସଭାରେ, ଏମିତିକି ହାଇକୋର୍ଟରେ ମଧ୍ୟ ଏନେଇ ମାମଲା ଚାଲିଛି । ସମସ୍ତେ ଚାହିଁ ବସିଛନ୍ତି ଯେ ସରକାର କେବେ ରତ୍ନଭଣ୍ଡାର ଖୋଲିବା ପାଇଁ ନିଷ୍ପତି ନେବେ ବୋଲି । କିନ୍ତୁ ୫ ବର୍ଷ ବିତିସାରିଲାଣି ହେଲେ ଏବେ ସୁଦ୍ଧା ରତ୍ନ ଭଣ୍ଡାର ଖୋଲିବା ନେଇ ଆଇନ ବିଭାଗ କୌଣସି ବୈଠକଟିଏ ନକରିବା ବଡ ଆଶ୍ଚର୍ଯ୍ୟର ବିଷୟ ବୋଲି ଅନିଲ କହିଛନ୍ତି ।

କେବଳ ସେତିକି ନୁହେଁ ଶ୍ରୀମନ୍ଦିର ପ୍ରଶାସନ ରତ୍ନ ଭଣ୍ଡାର ସମ୍ପର୍କରେ ଅଦାଲତରେ ଥରେ ନୁହେଁ ବାରମ୍ବାର ସମୟ ନେଉଛନ୍ତି ସତ୍ୟପାଠ ଦାଖଲ କରିବା ପାଇଁ । ଆଇନ ବିଭାଗ ମଧ୍ୟ ସେହି ସମସ୍ତ ମାମଲାରେ ପକ୍ଷଭୁକ୍ତ ଅଛନ୍ତି । ହେଲେ କିନ୍ତୁ ଏସବୁ ପ୍ରସଙ୍ଗରେ ମଧ୍ୟ ଆଇନ ବିଭାଗ ପାଖରେ କୌଣସି ଖବର ନାହିଁ । ଏବେ ରାଜ୍ୟ ସରକାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବରେ ରଂଜନ କୁମାର ଦାସଙ୍କୁ ନିଯୁକ୍ତ କରିଛନ୍ତି ।ସେ ଜଣେ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ । ଯାଜପୁର ଜିଲ୍ଲାରେ ହୋଇଥିବା ୨୦୦ କୋଟି ଟଙ୍କାର କଳାମୁଗୁନି ପଥର କେଳେଙ୍କାରୀ ପାଇଁ ସେ ଦାୟୀ ବୋଲି ଓଡିଶା ଭିଜିଲାନ୍ସ ତାଙ୍କ ବିରୋଧରେ ଲୋକାୟୁକ୍ତଙ୍କୁ ଲିଖିତ ରିପୋର୍ଟ ଦେଇଛନ୍ତି । ଏଭଳି ଦୁର୍ନୀତି ଅଭିଯୁକ୍ତଙ୍କୁ କାହିଁକି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବରେ ଦାୟୀତ୍ୱ ଦିଆଗଲା ତାହା ବଡ ଚିନ୍ତାଜନକ ବିଷୟ । ତୁରନ୍ତ ଶ୍ରୀ ଦାସଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପଦରୁ ହଟାଇ ତାଙ୍କ ସ୍ଥାନରେ ଆଉ କେଉଁ ଦକ୍ଷ ଓ ସଚ୍ଚୋଟ ଅଧିକାରୀଙ୍କୁ ଏହି ଦାୟୀତ୍ୱ ଦିଆଯାଉ, ନହେଲେ ଶ୍ରୀଜଗନ୍ନାଥ ମନ୍ଦିର ଅଧୀନରେ ଥିବା ଜମିଜମାକୁ ମଧ୍ୟ ସେ ମହାଶୟ ବିକ୍ରି କରି ଚଳୁ କରିଦେବେ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି । ଶ୍ରୀ ବିଶ୍ୱାଳ କହିଛନ୍ତି ଯେ ପୁରୀରେ ଏକ ଆଦର୍ଶ ଗୁରୁକୁଳ ସ୍ଥାପନା ପାଇଁ ସୁପ୍ରିମକୋର୍ଟ ୨୦୧୯ରେ ନିର୍ଦ୍ଦେଶ ଦେଇଥିଲେ ଯେଉଁଠିରେ ସେବାୟତଙ୍କ ପିଲାମାନେ ଜଗନ୍ନାଥ ସଂସ୍କୃତି ଓ ଭାରତୀୟ ପୂଜା ପରମ୍ପରା, ବୈଦିକ ରୀତିନିତି ଉପରେ ଅଧ୍ୟୟନ କରିବେ । ୪ ବର୍ଷ ବିତିଗଲାଣି, ପୁରୀରେ କୌଣସି ଗୁରୁକୁଳ ସ୍ଥାପନା ହୋଇପାରିଲା ନାହିଁ । ଏବେ ରାଜ୍ୟ ସରକାର ଯେଉଁ ଜିଡି ବିର୍ଲା ମେଡିକାଲ ଏଜୁକେସନ ଫାଉଣ୍ଡେସନ ସଂସ୍ଥା ସହିତ ବୁଝାମଣା କରିଛନ୍ତି ସେହି ସଂସ୍ଥାର ଗୁରୁକୁଳ ଚଲାଇବାର କୌଣସି ଅଭିଜ୍ଞତା ନାହିଁ । ରାଜ୍ୟରେ ତଥା ଦେଶରେ ଅନେକ ଗୁରୁକୁଳ ଘରୋଇ ଉଦ୍ୟମରେ ବୈଦିକ ପରମ୍ପରାରେ ଚାଲୁଛି । କାହିଁକି ରାଜ୍ୟ ସରକାର ଗୁରୁକୁଳ ଚଳାଉଥିବା ଅନୁଷ୍ଠାନ ମାନଙ୍କୁ ଅଣଦେଖା କରି ଏକ ବ୍ୟବସାୟୀକ କୋଚିଙ୍ଗ ସେଂଟର ଚଲାଉଥିବା ସଂସ୍ଥା ସହିତ ବୁଝାମଣା କରିଲେ ଏହା ଉପରେ ତଦନ୍ତ ହେବାର ଆବଶ୍ୟକତା ରହିଛି । ଏହା ମଧ୍ୟ ଆଉ ଏକ ଦୁର୍ନୀତି ।

## ୩ ମାଓବାଦୀ ମୃତ, ଡିଏସପି ଆହତ

ଭୁବନେଶ୍ୱର:କଳାହାଣ୍ଡି ଜିଲ୍ଲା କଳାହାଣ୍ଡି ଜିଲ୍ଲା ଏମ୍. ରାମପୁର ଥାନା ଟାପରାଙ୍ଗ ଜଙ୍ଗଲରେ ପୋଲିସ ଓ ମାଓବାଦୀ ମୁହାଁମୁହିଁ ହେବା ପରେ ଗୁଳି ବିନିମୟରେ ତିନି ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି । ଏହି ଗୁଳିବିନିମୟରେ ଜଣେ ଡିଏସପି ଆହତ ହୋଇଛନ୍ତି । ତାଙ୍କୁ ବଲାଙ୍ଗୀର ସ୍ଥିତ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି ।

ଦୀର୍ଘ ଦିନର ବ୍ୟବଧାନ ପରେ କଳାହାଣ୍ଡି ପୋଲିସ ଓ ଗୁଇନ୍ଦା ତଥ୍ୟ ଆଧାରରେ ସିଆରପିଏଫ୍ ପକ୍ଷରୁ କମ୍ବିଂ ଅପରେସନ କରାଯାଇଥିଲା । ଏଥିରେ ପୋଲିସ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ହୋଇଥିଲା ।




# ଖରା ଦିନରେ ପିଅନ୍ତୁ ଥଣ୍ଡା କ୍ଷୀର

ଆପଣ କଣ ଖରା ଦିନରେ କ୍ଷୀର ପିଇବାକୁ ଚାହୁଁଛନ୍ତି ! କିନ୍ତୁ ଯଦି ଆପଣଙ୍କୁ ଥଣ୍ଡା କରି ଦିଆଯାଏ । ତାହାଲେ ସମସ୍ତେ ପିଇବେ । ପ୍ରତ୍ୟେକ ଶିଶୁଙ୍କ ଠାରୁ ଆରମ୍ଭ କରି ବୃଦ୍ଧ ତଥା ବୟସ୍କମାନଙ୍କ ପାଇଁ ଏକ ଗ୍ଲାସ୍ କ୍ଷୀର ବହୁତ ଉପକାର ହୋଇଥାଏ । ଆମ ଦେଶର ପ୍ରତ୍ୟେକ ଘରେ କ୍ଷୀର ବିଷୟରେ ଭିନ୍ନ ବିଶ୍ୱାସ ଅଛି । କେବଳ ଏହାକୁ କୌଣସି ପ୍ରକାରରେ ପିଇବାର ଥାଏ । ବାସ୍ତବରେ, କ୍ଷୀରରେ ପ୍ରୋଟିନ୍, ମ୍ୟାଗ୍ନେସିୟମ୍, କ୍ୟାଲସିୟମ୍, ଜିଙ୍କ୍, ଭିଟାମିନ୍ ଡି ଏବଂ ପୋଟାସିୟମ୍ ପ୍ରଚୁର ପରିମାଣରେ ରହିଥାଏ । ତେବେ ଆସନ୍ତୁ ଆପଣଙ୍କୁ କହିବୁ ଯେ ଦିନରେ କିମ୍ବା ଗ୍ରୀଷ୍ମ ଋତୁରେ ଥଣ୍ଡା କ୍ଷୀର ପିଇବା ଦ୍ୱାରା ଅଧିକ ଲାଭଦାୟକ ହୋଇଥାଏ । ଏହି କାରଣରୁ ଶରୀର ଭିତରେ ଥିବା ଉତ୍ତାପ ସହିତ ଶରୀରକୁ ଭିତରୁ ଥଣ୍ଡା ରଖିଥାଏ । ତେବେ ଚାଲନ୍ତୁ ଜାଣିବା ଥଣ୍ଡା କ୍ଷୀରର ବ୍ୟବହାର ବିଷୟରେ .... ପେଟର ଜଳାପୋଡା କମାଇବାରେ ସାହାଯ୍ୟ କରେ-ଯଦି ଆପଣ ମଧ ଆପଣଙ୍କ ପେଟରେ ଜ୍ୱଳନ ଅନୁଭବ କରୁଛନ୍ତି କିମ୍ବା ଅମ୍ଳ ଜନିତ ସମସ୍ୟା ଅଛି, ତେବେ ଥଣ୍ଡା କ୍ଷୀର ପିଇବା ଆପଣଙ୍କ ପାଇଁ ଖୁବ୍ ଭଲ । ଯଦି ଆପଣଙ୍କର ହଜମ ଜନିତ ସମସ୍ୟା ମଧ ଅଛି, ତେବେ ଆପଣ ଥଣ୍ଡା କ୍ଷୀରରେ ଭୁସି ମଧ ମିଶାଇ ପାରିବେ । ଯାହା ଆପଣଙ୍କୁ ତୁରନ୍ତ ଆରାମ ପ୍ରଦାନ କରିବ । ଓଜନ ହ୍ରାସ କରିବାରେ ମଧ ଲାଭଦାୟକ-ଥଣ୍ଡା କ୍ଷୀରର ପିଇବା କରିବା ଦ୍ୱାରା ଓଜନକୁ ନିୟନ୍ତ୍ରଣରେ ରଖେ । ଥଣ୍ଡା କ୍ଷୀରରେ ମିଳୁଥିବା କ୍ୟାଲସିୟମର ଆପଣଙ୍କ ଶରୀରର ମେଟାବୋଲିଜିମକୁ ଉନ୍ନତ କରିଥାଏ । ଏହା ବ୍ୟତୀତ ଥଣ୍ଡା କ୍ଷୀର ପିଇବା ପରେ ପେଟ ଦୀର୍ଘ ସମୟ ପର୍ଯ୍ୟନ୍ତ ଫୁଲ୍ ରଖିଥାଏ । ସୁସ୍ଥ ଚର୍ମ ପାଇଁ ମଧ ଲାଭଦାୟକ-ଥଣ୍ଡା କ୍ଷୀର ଇଲେକ୍ଟ୍ରୋଲାଇଟ୍ ସହିତ ଭରି ହୋଇ ରହିଛି । ଯାହା ଆପଣଙ୍କ ଶରୀରକୁ ଡିହାଇଡ୍ରେସନ୍ ରୁ ରକ୍ଷା କରିଥାଏ । ଏହା ଆପଣଙ୍କ ଶରୀରକୁ ହାଇଡ୍ରେଟ୍ ରଖିବାରେ ସାହାଯ୍ୟ କରେ । ଯେଉଁଥିପାଇଁ ତୁମର ଚର୍ମ ଉଜ୍ଜ୍ୱଳ ଦେଖାଯାଏ ।

# ମଟନ ବୋଟି

ଆବଶ୍ୟକ ସାମଗ୍ରୀ: ବୋନ୍‌ଲେସ୍ ମଟନ, ତେଜପତ୍ର, ଗୋଟା ଡାଲଚିନି, ଲବଙ୍ଗ, ଗୁଜୁରାତି, ଜାଇତ୍ରି, ଗୋଟା ଅଳେଇ, କଟା ପିଆଜ, ଛେଚା ରସୁଣ, ଲୁଣ, ହଳଦୀ, ଲଙ୍କା ପାଉଡର, ଧନିଆ ପାଉଡର, ଜିରା ପାଉଡର, ଟମାଟୋ ପ୍ୟୁରି, ଧନିଆପତ୍ର, ଅଦା-ରସୁଣ ପେଷ୍ଟ ଓ ଗରମ ମସଲା ଗୁଣ୍ଡ ।ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ବଜାରରୁ ବୋନ୍‌ଲେସ୍ ମଟନ୍ ଆଣନ୍ତୁ । ତାକୁ ଧୋଇ ଏକ ପାତ୍ରରେ ରଖନ୍ତୁ । ତା'ପରେ କରେଇ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଯିବା ପରେ ସେଥିରେ ତେଜପତ୍ର, ଗୋଟା ଡାଲଚିନି, ଲବଙ୍ଗ, ଗୁଜୁରାତି, ଜାଇତ୍ରି ଓ ଗୋଟା ଅଳେଇ ପକାନ୍ତୁ । ପରେ ସେଥିରେ କିଛି ଛେଚା ରସୁଣ ପକାଇ ଗୋଳାଇ ଦିଅନ୍ତୁ । ଏହାପରେ ସେଥିରେ କଟା ପିଆଜକୁ ପକାଇ ଭାଜନ୍ତୁ । ପିଆଜ ଲାଲ୍ ହୋଇଗଲା ପରେ ସେଥିରେ ବୋନ୍‌ଲେସ୍ ମଟନ, ଲୁଣ ଓ ହଳଦୀ ପକାଇ କିଛି ସମୟ ପାଇଁ କଷନ୍ତୁ । ମାଂସ ଅଳ୍ପ କଷି ହେବା ପରେ ସେଥିରେ ଅଦାରସୁଣ ପେଷ୍ଟ ପକାନ୍ତୁ । ପରେ ଲଙ୍କା ପାଉଡର, ଧନିଆ ପାଉଡର ଓ ଜିରା ପାଉଡର ଓ ଟମାଟୋ ପ୍ୟୁରି ପକାଇ ମାଂସକୁ ଭଲ ଭାବରେ କଷନ୍ତୁ । କଷିବା ପରେ ସେଥିରେ ଅଳ୍ପ ପାଣି ଦେଇ ଢାଙ୍କୁଣି ଢାଙ୍କି ଦିଅନ୍ତୁ । ଅଧଘଣ୍ଟା ପରେ ଢ଼ାଙ୍କୁଣିକୁ କାଢ଼ି ଦିଅନ୍ତୁ । ସେଥିରେ କଟା ଧନିଆପତ୍ର ଓ ଗରମ ମସଲା ଗୁଣ୍ଡ ପକାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ମଟନ ବୋଟି ।

# ଆଜିର ରାଶିଫଳ

**ମେଷ**
ମନିଜର ଚତୁରତା ଓ ବିବେକ ହେତୁ ସମସ୍ତ ବିପରୀତ ପରିସ୍ଥିତିର ସାମ୍ନା କରିପାରିବେ । ଶତ୍ରୁ ବା ବିରୋଧୀ କିଛି କ୍ଷତି କରିପାରିବେ ନାହିଁ । ଦୁଃଖୀ ଲୋକଙ୍କୁ ସାହାରା ହେବେ ।

**ବୃଷ**
ଅଧା ଅଧୁରା ଥିବା କାର୍ଯ୍ୟ ପୂରଣ ହୋଇଯିବ । ସାମୂହିକ ପ୍ରୟାସ ଓ ସହଯୋଗ ଦ୍ୱାରା ଆଗକୁ ବଢ଼ିପାରିବେ । କୌଣସି ବନ୍ଧୁଙ୍କ ଦ୍ୱାରା ପରିବାର ସମ୍ବନ୍ଧିତ ଶୁଭ ସମାଚାର ଶୁଣିବେ ।

**ମିଥୁନ**
ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଯିବ । କାମ କାର୍ଯ୍ୟର ସ୍ଥିତି ବହୁତ ସନ୍ତୋଷଜନକ ହେବ । କୌଣସି ଶୁଭକାର୍ଯ୍ୟ କରିବାକୁ ଆୟୋଜନ କରିପାରନ୍ତି ନତୁବା ସମାରୋହରେ ସମ୍ମିଳିତ ହେବାକୁ ପଡ଼ିବାରେ ।

**କର୍କଟ**
ଶାରୀରିକ କଷ୍ଟ ଦୂର ହୋଇ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଅନୁଭବ କରିବେ । କାମକାର୍ଯ୍ୟରେ ନୂଆ ଉପଲବ୍ଧି ଆପଣଙ୍କ ପ୍ରତୀକ୍ଷାରେ ରହିବ । ସମସ୍ତ କ୍ଷେତ୍ରରେ ଖୁସି ମିଳିବ ।

**ସିଂହ**
ଅଧୁରା କାର୍ଯ୍ୟ ପୂରଣ ହେବ । ନୂଆ ଜ୍ଞାନର ବୃଦ୍ଧି ହେବ । ଶୁଭ ସମାଚାର ମିଳିପାରେ । ପ୍ରେମୀ-ପ୍ରେମିକାଙ୍କ ମିଳନ ହେବ । ସାମ୍ବାଦିକମାନେ କୌଣସି ଶୁଭ ସମାଚାର ଶୁଣିବାକୁ ପାଇବେ ।

**କନ୍ୟା**
କର୍ମକ୍ଷେତ୍ରରେ ଉଚ୍ଚ କର୍ମକର୍ତ୍ତାଙ୍କର ସୁଦୃଷ୍ଟି ପ୍ରାପ୍ତି ହେବ । ଫଳରେ ସହକର୍ମୀମାନଙ୍କ ସମର୍ଥନ ଏବଂ ସୁଖ ସମ୍ପଦ ପ୍ରାପ୍ତି ହେବ । ପାରିବାରିକ ସମସ୍ୟାକୁ ସୁଧାରି ନେଇ ପ୍ରଶଂସିତ ହେବେ ।

**ତୁଳା**
ବ୍ୟବସାୟ ପାଇଁ ଦୂରଯାତ୍ରାରେ ସଫଳତା ପ୍ରାପ୍ତି ହେବ । ପରିବାରଜନଙ୍କଠାରୁ ଉଚ୍ଚ ସମ୍ଭାବନାର ଆଶା ଓ ଆଶ୍ୱାସନା ଲାଭ କରି ମାନସିକ ଶାନ୍ତି ଅନୁଭବ କରିବେ ।

**ବିଛା**
ଖଳ, ମାଲିମୋକଦ୍ଦମାରେ ସମ୍ମାନ ଓ ପ୍ରତିଷ୍ଠା ଅତୁଟ ରହିବ । ବ୍ୟବସାୟୀମାନେ ନଗଦ କାରବାରରେ ଅଧିକ ଲାଭପ୍ରଦ ହେବେ । ବିରୋଧୀମାନେ ଦୂରେଇଯିବେ ।

**ଧନୁ**
କର୍ମରେ ଉନ୍ନତି ,ବିଦ୍ୟାରେ ଉନ୍ନତି, କୃଷିରେ ଉନ୍ନତି, ଆକସ୍ମିକ ଅର୍ଥଲାଭ, ସୁନାମପ୍ରାପ୍ତି ଓ ସମ୍ମାନ ବୃଦ୍ଧି ହେବ । ଦୀର୍ଘଦିନର ଯୋଜନାକୁ କାର୍ଯ୍ୟକାରୀ କରିବେ ।

**ମକର**
ସ୍ୱାସ୍ଥ୍ୟରେ ଉନ୍ନତି ହେତୁ ମାନସିକ ସ୍ଥିତି ଭଲ ରହିବ । ଉଦ୍ଧାର ଦେଇଥିବା ଟଙ୍କା ମିଳିଯିବା ଫଳରେ କିମ୍ବା ପୁରୁଣା ପ୍ରାପ୍ୟ ଆଦାୟ ହେବା ଫଳରେ ବ୍ୟବସାୟରେ ନିଜର ଗରିମା ବଜାୟ ରହିବ

**କୁମ୍ଭ**
କର୍ମରେ ଉନ୍ନତି ସହିତ ପଦସ୍ଥ ବ୍ୟକ୍ତିଙ୍କ ସହ ମନୋମାଳିନ୍ୟ ମେଣ୍ଟିଯିବ । ରାଜନୈତିକ କ୍ଷେତ୍ରରେ ଶତ୍ରୁମାନେ ତଳମୁହାଁ ହେବେ । ବାଦବିବାଦ ପରୀକ୍ଷା ପ୍ରତିଯୋଗିତା ସଫଳ ହେବ ।

**ମୀନ**
ମିତ୍ରମାନଙ୍କ ସହ ସୁସମ୍ପର୍କ ରହିବା ଫଳରେ ଅନେକ କାର୍ଯ୍ୟରେ ସଫଳ ହେବେ । ବାଦବିବାଦ, ପରୀକ୍ଷା, ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତକାରରେ କୃତକାର୍ଯ୍ୟ ହେବେ ।

# ଘରକୁ ସୁନ୍ଦର କରାଏ ଇନଡୋର ପ୍ଲାଣ୍ଟ

ବର୍ତ୍ତମାନ ପରିବେଶ ବହୁତ ପ୍ରଦୂଷିତ ହେଉଛି । ଯାହା ଫଳରେ ଏହି ପ୍ରଦୂଷିତ ବାୟୁରେ ନିଶ୍ୱାସ ନେବା ଦ୍ୱାରା ଅନେକ ରୋଗ ସୃଷ୍ଟି ହେଉଛି । ଏପରି ପରିସ୍ଥିତିରେ, ଆପଣ ଘରେ ନିଶ୍ଚିତ ଭାବରେ ଘରେ ଗଛ ଲଗାଇବା ଉଚିତ୍ । ଖାସ୍ କରି ଗ୍ରୀଷ୍ମ ଋତୁରେ, ବାଲକୋନୀରେ ରଖାଯାଇଥିବା ଉଦ୍ଭିଦଗୁଡିକ ଶୁଖିଯାଏ । ସେଥିପାଇଁ ଆପଣ ଇନଡୋର ପ୍ଲାଣ୍ଟ କିଣି ସେଗୁଡ଼ିକୁ ଆଣିପାରିବେ । ଇନଡୋର ଉଦ୍ଭିଦ ଗୁଡିକର ବିଶେଷତ୍ୱ ହେଉଛି ଯେ ସେମାନେ ମଧ ଆପଣଙ୍କ ଘରେ ବାୟୁକୁ ଶୁଦ୍ଧ କରନ୍ତି । ଏହି ଉଦ୍ଭିଦ ଗୁଡ଼ିକ ବାୟୁକୁ ବିଶୋଧନ କରିବାରେ ମଧ ସାହାଯ୍ୟ କରେ । ଏହା ବ୍ୟତୀତ ଘରେ ସୁଖ, ଧନ ଏବଂ ସମୃଦ୍ଧତା ଆଣିବା ପାଇଁ ମଧ ଏହି ଉଦ୍ଭିଦ ଗୁଡିକ ଲଗାଇବା ଶୁଭ ହୋଇଥାଏ । ଆଜି ଆମେ ଆପଣଙ୍କୁ ଏପରି କିଛି ଉଦ୍ଭିଦ ବିଷୟରେ କହୁଛୁ ଯାହା ଆପଣଙ୍କ ଘରକୁ ସୁନ୍ଦର କରିବ । ଏହା ସହ ଆପଣଙ୍କ ଘରେ ସୁଖ ଏବଂ ଶାନ୍ତି ବଜାୟ ରଖିବାରେ ସାହାଯ୍ୟ କରିବ । ଆସନ୍ତୁ ଜଣିବା ସେହି ଗଛ ବିଷୟରେ । ମନି ପ୍ଲାଣ୍ଟ : ଘର ଭିତରେ ଏହି ଗଛ ରଖିବା ବା ଲଗାଇବା ଶୁଭ ହୋଇଥାଏ । ଏହି ଗଛ ଘରେ ଲଗାଇବା ଦ୍ୱାରା କୁହାଯାଏ କି ଏହା ଧନ ବୃଦ୍ଧି କରାଏ । ଏହାର ସବୁଜ ରଙ୍ଗର ପତ୍ର ଆଖିକୁ ଶାନ୍ତି ଦେଇଥାଏ । ଏହା ସହ ପରିବେଶ ଶାନ୍ତି ଅନୁଭବ ହୁଏ । ଏହାକୁ ଆପଣ ଟେବୁଲ ଉପରେ ବି ସଜାଇ ପାରିବେ ନଚେତ୍ କାଚ ର୍ଜାରେ ମଧ ରଖିପାରିବେ । ଯାହା ଦ୍ୱାରା ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ବେମ୍ବୁ ଟ୍ରି : ଏହି ଟ୍ରିକୁ ବେମ୍ବୁ ଟ୍ରି କୁହାଯାଏ । ଏହାକୁ ଘରେ ରଖିବା ଦ୍ୱାରା ଧନ, ସମୃଦ୍ଧି, ସୌଭାଗ୍ୟ ଓ ଶାନ୍ତି ଆଣିଥାଏ । ଏହାକୁ ରଖିବା ଦ୍ୱାରା ଏୟାର ପ୍ୟୁରିଫାଏର ଭାବେ କାମ କରିଥାଏ । ଏହାକୁ ଘରେ ଜାର ବା କାଚ ବୋତଲରେ ଲଗାଇ ରଖିପାରିବେ । ଯାହା ଖୁବ୍ ସୁନ୍ଦର ମଧ ଲାଗେ । ପିସ ଲିଲି : ଇନଡୋର ପ୍ଲାଣ୍ଟ ପାଇଁ ପିସି ଲିଲି ବହୁତ ଭଲ ଗଛ । ଏହା ଦେଖିବାକୁ ସବୁଜ ଭରା ଓ ସୁନ୍ଦର ଲାଗେ । ଲିଲି ଆପଣଙ୍କ ଘରକୁ ବାସ୍ନାରେ ଭରି ଦେଇଥାଏ । ଧଳା ଓ ସବୁଜ ରଂଗର ଏହି ଗଛ ଭାଗ୍ୟ ଓ ଶାନ୍ତିର ପ୍ରତୀକ ହୋଇଥାଏ । ଏହା ବାୟୁକୁ ମଧ ଶୁଦ୍ଧ କରିଥାଏ । ଏହା ସହ ଆପଣଙ୍କୁ ଶାନ୍ତ ପରିବେଶ ଲାଗେ । ସେବତୀ : ଏହି ଗଛ ସାଧାରଣତଃ ଶୀତ ଦିନ ଲାଗେ । କିନ୍ତୁ ଏହାକୁ ଆପଣ ଇନଡୋର ପ୍ଲାଟ ମଧ କରି ପାରିବେ । ଏହା ଦେଖିବାକୁ ବହୁତ ସୁନ୍ଦର ମଧ ହୋଇଥାଏ । ଏହାର ହଳଦୀଆ ରଂଗର ଫୁଲ ବହୁତ ବଡ଼ ଓ ସୁନ୍ଦର ହୋଇଥାଏ । ଗିଲୋୟ ଓ ଏଲୋଭେରା : ଗିଲୋୟ ଓ ଏଲୋଭରା ବହୁତ ଦରକାରୀ ସହ ଉପକାରୀ ଗଛ । ଏହି ଗଛ ଔଷଧୀୟ ଗଛ ହେବା ସହ ଦେଖିବାକୁ ମଧ ସୁନ୍ଦର । ଏହାକୁ ଘରେ ଲଗାଇଲେ ଘର ସୁନ୍ଦର ଦିଶିବା ସହ ସକରାତ୍ମକ ଶକ୍ତି ସୃଷ୍ଟି ହୋଇଥାଏ । ନିଜ ଭିତରେ ଶାନ୍ତି ଆଣିଥାଏ ।



# ୩ଟି ତେଲ ଶରୀରର ହାଡକୁ କରିଥାଏ ମଜବୁତ୍

ବର୍ତ୍ତମାନ ଯୁଗରେ କାମକୁ ନେଇ ଅନେକ ସମସ୍ୟା ଦେଖିବାକୁ ମିଳୁଛି । ଯେମିତିକି ହାଡ ସମସ୍ୟା । ହାଡ଼ ଦୁର୍ବଳ ହେବା ଏକ ସାଧାରଣ ସମସ୍ୟା ହୋଇଗଲାଣି । ହେଲେ ଏମିତି ହେଲେ ଆଗକୁ ବେଶୀ କ୍ଷତି ହୋଇପାରେ । କାରଣ ଅଳ୍ପ ବୟସରେ ଅନେକ ସମସ୍ୟାର ସମ୍ମୁଖୀନ ହୋକୁ ପଡିବ । ବାସ୍ତବରେ, ଜୀବନଶୈଳୀ ପରିବର୍ତ୍ତନ ଏବଂ ଖରାପ ଖାଇବା ଅଭ୍ୟାସ ହେତୁ ଶରୀର ହାଡ ଉପରେ ପ୍ରଭାବ ପଡିଥାଏ । ଯେତେବେଳେ ତୁମର ଶରୀର ଆବଶ୍ୟକୀୟ ପୋଷକ ତତ୍ତ୍ୱ ପାଇ ନଥାଏ କିମ୍ବା ଯଦି ଆପଣ ସମୟ ଅନୁସାରେ ବ୍ୟାୟାମ ନ କରନ୍ତି । ତେବେ ହାଡ଼ରେ ଯନ୍ତ୍ରଣା ହେବା ଆରମ୍ଭ କରେ । ହେଲେ, କିଛି ତେଲର ସାହାଯ୍ୟରେ ଏହି ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ । ହାଡ଼କୁ ମଜବୁତ ମଧ ହୋଇଥାଏ । ତେବେ ଆସନ୍ତୁ ଜାଣିବା କେଉଁ ତେଲ ଅଛି, ଯାହା ହାଡକୁ ମଜବୁତ କରିପାରିବ । ସୋରିଷ ତେଲ –ଶରୀରର ହାଡକୁ ମଜବୁତ କରିବାରେ ସୋରିଷ ତେଲ ମଧ ବହୁତ ଲାଭଦାୟକ ହୋଇଥାଏ । କାରଣ ଶରୀରକୁ ମଜବୁତ କରିବା ବ୍ୟତୀତ ଏହି ତେଲ ଗଣ୍ଠି ଯନ୍ତ୍ରଣାରେ ମଧ ବହୁତ ଉପକାରୀ ଅଟେ । ଏହି ତେଲ ସହିତ ଶରୀରକୁ ମସାଜ୍ କରିପାରିବେ । ଯେଉଁଥିପାଇଁ ଆପଣ ନିଶ୍ଚିତ ଭାବରେ ଶରୀରକୁ ଆରମ ମିଳିଥାଏ । ଏହି ତେଲର ବ୍ୟବହାର ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି ପାଇଥାଏ । ବାଦାମ ତେଲ – ବାଦାମ ତେଲ ଆପଣଙ୍କ ହାଡକୁ ମଧ ମଜବୁତ କରିଥାଏ । ଏହି ତେଲରେ ଭିଟାମିନ୍ ଇ ପ୍ରଚୁର ପରିମାଣରେ ରହିଥାଏ । ଯାହା ଚର୍ମକୁ ସୁସ୍ଥ ରଖିବା ସହ ଅତି ବାଇଗଣି ରଶ୍ମିରୁ ରକ୍ଷା କରିବାରେ ପ୍ରଭାବଶାଳୀ ହୋଇଥାଏ । ଶରୀରରେ ଏହି ତେଲକୁ ମାଲିସ୍ କରାଯାଏ । ରାଶି ତେଲ-ଏହା ସହିତ ଆପଣ ନିଜ ଶରୀରକୁ ରାଶି ତେଲରେ ମଧ ମାଲିସ୍ କରିପାରିବେ । ଆପଣ ଏଥିରୁ ଅନେକ ପ୍ରକାରର ମଧ ଲାଭ ପାଇବେ । ଏହି ତେଲକୁ ନିୟମିତ ବ୍ୟବହାର କରି ଆପଣଙ୍କ ଶରୀର ମଧ ବହୁତ ସୁନ୍ଦର ଦେଖାଯିବା ସହ ସମସ୍ୟାରୁ ମୁକ୍ତି ପାଇବେ ।

# ଗରମ ଦିନେ ଏହି ୪ଟି ମସଲା ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ

ତରକାରୀକୁ ସୁସ୍ୱାଦୁ କରିବା ପାଇଁ ମସଲାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କିନ୍ତୁ ଏହା ଜରୁରୀ ନୁହେଁ ଯେ ସବୁବେଳେ ମସଲା ଆପଣଙ୍କ ସ୍ୱାସ୍ଥ୍ୟ ଭଲ ଅଟେ । ଏମିତି କିଛି ମସଲା ରହିଛି ଯାହାକୁ ଗରମ ଦିନେ ଖାଇବା ଉଚିତ ନୁହେଁ । ଯଦି ଆପଣ ଏହି ମସଲାଗୁଡିକ ଅଳ୍ପ ପରିମାଣରେ ଖାଆନ୍ତି ତେବେ ଏହା ଦ୍ୱାରା କୌଣସି କ୍ଷତି ହେବ ନାହିଁ । କିନ୍ତୁ ଯଦି ଆପଣ ଅଧିକ ମାତ୍ରାରେ ଏହି ମସଲାକୁ ଖାଆନ୍ତି ତେବେ ଆପଣଙ୍କ ପାଇଁ ଏହା କ୍ଷତିକାରକ ହୋଇପାରେ । ଅଧିକ ପରିମାଣର ହଳଦୀ ବ୍ୟବହାର କରନ୍ତୁ ନାହିଁ : ସମସ୍ତେ ଜାଣନ୍ତି ଯେ ହଳଦୀ ଆପଣଙ୍କ ଶରୀର ପାଇଁ ଭଲ ହୋଇଥାଏ । କିନ୍ତୁ ଯଦି ଆପଣ ଏହାକୁ ଅଧିକ ମାତ୍ରାରେ ବ୍ୟବହାର କରୁଛନ୍ତି ତେବେ ଏହା ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ । ବିଶେଷକରି ମହିଳାମାନେ ଋତୁସ୍ରାବ ସମୟରେ ଅଳ୍ପ ପରିମାଣରେ ହଳଦୀ ବ୍ୟବହାର କରିବା ଉଚିତ । କାରଣ ଅଧିକ ମାତ୍ରାରେ ସେବନ କରିବା ଦ୍ୱାରା ଅଧିକ ରକ୍ତସ୍ରାବ ହୋଇପାରେ । ତୁଳସୀ ସେବନ କମ୍ କରନ୍ତୁ : ତୁଳସୀ ମଧ କମ୍ ମାତ୍ରାରେ ବ୍ୟବହାର କରିବା ଉଚିତ । ବହୁତ କମ୍ ଲୋକ ଜାଣିଥିବେ ଯେ ଏହା ଅଧିକ ମାତ୍ରାରେ ଖାଇବା ଦ୍ୱାରା ରକ୍ତଚାପ ହ୍ରାସ ପାଇଥାଏ । ଏହାସହ ମହିଳାଙ୍କ ଫର୍ଟିଲିଟି ଉପରେ ମଧ ପ୍ରଭାବ ପକାଇପାରେ । କମ୍ ପରିମାଣର ଡାଲଚିନି ବ୍ୟବହାର କରନ୍ତୁ : ଡାଲଚିନି ଲାଭଦାୟକ ହୋଇଥାଏ । କିନ୍ତୁ ଏହା ଅତ୍ୟଧିକ ବ୍ୟବହାର କରିବା ଦ୍ୱାରା ପାଟିରେ ଫୁଲା ମଧ ହୋଇପାରେ । ଏହାସହ ଏହାକୁ ଅଧିକ ଖାଇବା ଦ୍ୱାରା ରକ୍ତଚାପ ଅଧିକ କମିଯାଇପାରେ । ଗୋଲମରିଚ : ଗୋଲମରିଚକୁ ଅଧିକାଂଶ ତରକାରୀରେ ବ୍ୟବହାର କରାଯାଇଥାଏ । ସମସ୍ତେ ଜାଣନ୍ତି ଯେ ଏହାଦ୍ୱାରା ଓଜନ ହ୍ରାସ ପାଇଥାଏ । କିନ୍ତୁ ଯଦି ଆପଣଙ୍କ ଶରୀରରେ ରକ୍ତ ଜମାଟ ବାନ୍ଧିବାର ସମସ୍ୟା ଥାଏ ତେବେ ଆପଣଙ୍କ ପାଇଁ ଗୋଲମରିଚ ଲାଭଦାୟକ ନୁହେଁ ।



## ଫିଲ୍ମ ଟକ୍

# ରାଜନୀତିକୁ ନେଇ ପୁଣି କଙ୍ଗନାଙ୍କ ବୟାନ

ବଲିଉଡ ଅଭିନେତ୍ରୀ କଙ୍ଗନା ରଣାଓ୍ୱତ । ତାଙ୍କ ଚଳଚ୍ଚିତ୍ର ହେଉ ବା ବିବାଦୀୟ ମନ୍ତବ୍ୟ ଯୋଗୁଁ ଚର୍ଚ୍ଚାରେ ରହିଥାଆନ୍ତି । ହେଲେ ନିକଟରେ କଙ୍ଗନା ହରିଦ୍ୱାରରେ ପହଞ୍ଚି ସେଠାରେ ଅନେକ ମନ୍ଦିର ପରିଦର୍ଶନ କରିଥିଲେ । ଏହି ସମୟରେ, କଙ୍ଗନା ୨୦୨୪ରେ ଦେଶରେ ହେବାକୁ ଥିବା ଲୋକସଭା ନିର୍ବାଚନ ବିଷୟରେ ଖୋଲାଖୋଲି ଭାବେ କହିଥିଲେ । ବଲିଉଡ ହେଉ କିମ୍ବା ରାଜନୀତି ହେଉ, କଙ୍ଗନା ସବୁକିଛି ଉପରେ ନିଜର ମତ ପ୍ରକାଶ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ । ଏଭଳି ପରିସ୍ଥିତିରେ ଯେତେବେଳେ ତାଙ୍କୁ ୨୦୨୪ରେ ହେବାକୁ ଥିବା ଲୋକସଭା ନିର୍ବାଚନ ବିଷୟରେ ପଚରାଯାଇଥିଲା, ସେ ଉତ୍ତରକହିଛନ୍ତି, 'ନିର୍ବାଚନକୁ ନେଇ ଲୋକଙ୍କ ମଧ୍ୟରେ ବହୁତ ଉତ୍ସାହ ରହିଛି, କିନ୍ତୁ ୨୦୨୪ରେ ପୁଣି ତାହା ହେବ ଯାହା ୨୦୧୯ ରେ ହୋଇଥିଲା । କହିବାକୁ ଗଲେ ଯେ କଙ୍ଗନା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଜଣେ ବଡ଼ ପ୍ରଶଂସକ । ସେ ସୋସିଆଲ ମିଡିଆରେ ମଧ ତାଙ୍କୁ ଅନେକ ଥର ସମର୍ଥନ କରିଛନ୍ତି । ୨୦୧୯ ଲୋକସଭା ନିର୍ବାଚନରେ ବିଜେପିର ମିଳିତ ଏନଡିଏ ମୋଟ ୩୫୩ଟି ଆସନ ଜିତି କ୍ଷମତାକୁ ଫେରିଛି । ଏଭଳି ପରିସ୍ଥିତିରେ କଙ୍ଗନାଙ୍କ ଅନୁସାରେ ୨୦୨୪ ଲୋକସଭା ନିର୍ବାଚନରେ ପୁଣି ଥରେ ଏନଡିଏ ସରକାର ଗଠନ ହୋଇପାରିବ । କିନ୍ତୁ ଏକ ସାକ୍ଷାତକାର ସମୟରେ କଙ୍ଗନା କହିଛନ୍ତି ଯେ ସେ କେଦାରନାଥ ଯିବାକୁ ଚାହୁଁଛନ୍ତି । ଏହା ସହିତ ସେ ଗୁମ୍ଫାକୁ ମଧ ଯିବେ ।



# ଖରା ଉତ୍ତାପ ଯୋଗୁଁ ମୁହଁରେ ହୋଇଯାଇଛି କି ସନଟ୍ୟାନ୍ ?

ଗ୍ରୀଷ୍ମ ଋତୁ ପ୍ରାୟ ସମସ୍ତଙ୍କ ପାଇଁ କଷ୍ଟସାଧ । ପ୍ରବଳ ସୂର୍ଯ୍ୟକିରଣ, ଉଚ୍ଚ ତାପମାତ୍ରା ଏବଂ ଗରମ ପବନ ଯୋଗୁଁ ସ୍ୱାସ୍ଥ୍ୟ ଉପରେ ଅନେକ କ୍ଷତି ହୋଇଥାଏ । ଏହା ବ୍ୟତୀତ ଖରାରେ ଟିକେ ବୁଲି ଗଲେ ସ୍କିନ୍ କଲର ମଧ ବଦଳି ଯାଏ । ଯାହା ଫଳରେ ସନବର୍ନ ତଥା ସନଟ୍ୟାନ୍ ସମସ୍ୟା ଦେଖା ଦିଏ । ଉତ୍ତାପ ଯୋଗୁଁ ଝାଳ ବାହାରିବା ଯୋଗୁଁ ପିମ୍ପଲ୍ ମଧ ବାହାରିଥାଏ । ଖରାକୁ ଏଡାଇବା ପାଇଁ ଆମେ ସମସ୍ତ ପ୍ରକାରର ପଦକ୍ଷେପ ନେଉ । କିନ୍ତୁ ତଥାପି ଅନେକ ଥର ଏଗୁଡିକ କାମକୁ ଆସେ ନାହିଁ । ସୂର୍ଯ୍ୟଙ୍କ ଉତ୍ତାପ ହେତୁ ଅନେକ ପ୍ରକାରର ଚର୍ମ ତଥା ତ୍ୱଚା ସମସ୍ୟା ମଧ ଦେଖା ଦିଏ । ଏଥିପାଇଁ ଆପଣ କିଛି ଘରୋଇ ମଧ କରିପାରିବେ । ଓଟସ୍ –ଓଜନ ହ୍ରାସ ପାଇଁ ଆମେ ସାଧାରଣତ ଓସ୍‌ଟ ଖାଇଥାଉ । କିନ୍ତୁ କେହି ଜାଣି ନାହାନ୍ତି କି ଏହା ଆପଣଙ୍କ ତ୍ୱଚା ପାଇଁ ମଧ ଉପକାରରେ ଆସିବ । ଓଟସ୍ ?କୁ ଯଦି ଆପଣ ସାମାନ୍ୟ ଟିକେ ଦହିରେ ମିଶାଇ ମୁହଁରେ ଲଗାଇବେ । ତାହାଲେ ଦେଖିବେ ତ୍ୱଚା ଚମକି ଥାଏ । ଏହା ଚର୍ମ ପାଇଁ ଲାଭଦାୟକ ପ୍ରମାଣିତ ହେବ । ଚେହେରାର ଚମକ ଫେରି ଆସିବ । ହଳଦୀ ଏବଂ ବେସନ –ହଳଦୀ ଏବଂ ବେସନ ଆମ ଚର୍ମ ପାଇଁ ବହୁତ ଉପକାରୀ । ଏହି ଦୁଇଟି ଜିନିଷକୁ ମିଶ୍ରଣ କରି ଏକ ଫେସ୍ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁରେ ଲଗାଇ ରଖନ୍ତୁ । କିଛି ସମୟ ପରେ ମୁହଁକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଦେଖିବେ ସୂର୍ଯ୍ୟକିରଣ ପ୍ରଭାବରେ ପଡିଥିବା ସନଟ୍ୟାନରୁ ମୁକ୍ତ ପାଇବେ । କଫି-ନିଜକୁ ସତେଜତା ପାଇଁ ଆମେ କଫି ପିଇ ଥାଉ । କିନ୍ତୁ ଏହା ସୂର୍ଯ୍ୟକିରଣରେ ପଡିଥିବା ସନ୍‌ଟ୍ୟାନ୍ ବା ସନବର୍ନକୁ ବାହାର କରିବାରେ ମଧ ସାହାଯ୍ୟ କରିଥାଏ । ଏକ ପାତ୍ରରେ କଫି ପାଉଡର ଏବଂ ଲେମ୍ବୁ ରସ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ପରେ ଏହାକୁ ମୁହଁରେ ଲଗାନ୍ତୁ । କିଛି ସମୟ ରଖିବା ପରେ ଥଣ୍ଡା ପାଣିରେ ଧୋଇ ନିଅନ୍ତୁ । କାକୁଡି ଏବଂ ଗୋଲାପ ଜଳ-ଏକ ପାତ୍ରରେ କାକୁଡିର ରସ ବାହାର କରି ସେଥିରେ ଗୋଲାପ ଜଳ ମିଶାନ୍ତୁ । ଏହି ମିଶ୍ରଣକୁ ମୁହଁରେ ଲଗାନ୍ତୁ ଏବଂ ଏହାକୁ କିଛି ସମୟ ପାଇଁ ଶୁଖିବାକୁ ଦିଅନ୍ତୁ । ତା'ପରେ ମୁହଁକୁ ସଫା ପାଣିରେ ଧୋଇ ଦିଅନ୍ତୁ । ଦେଖିବେ ଏହାର ଚମକ ମୁହଁରେ ଦୃଶ୍ୟମାନ ହେବ । ଲେମ୍ବୁ ଏବଂ ମହୁ-ଚର୍ମ ପାଇଁ ଲେମ୍ବୁ ଏବଂ ମହୁ ସର୍ବୋତ୍ତମ ବୋଲି କୁହାଯାଏ । କାରଣ ଲେମ୍ବୁରେ ଅମ୍ଳ ଅଂଶ ଥିବାରୁ ଅନେକ ଦାଗ ଦୂର କରିଥାଏ । ଯଦି ଆପଣ ଲେମ୍ବୁ ରସ ଏବଂ ମହୁକୁ ମିଶାଇ ମୁହଁରେ ଲଗାନ୍ତି । ତେବେ ଏହା ସୂର୍ଯ୍ୟକିରଣରେ ହୋଇତିବା ଦାଗ ଗୁଡିକ ଦୂର କରିବାରେ ସାହାଯ୍ୟ କରିଥାଏ ।

# ସରକାରଙ୍କ ସର୍ତ୍ତରେ ଅସନ୍ତୁଷ୍ଟ ମସ୍କ ଛାଡିଲେ ଭାରତ !

କେନ୍ଦ୍ରର ମୋଦି ସରକାରଙ୍କ ସର୍ତ୍ତ ଟେସ୍ଲା ସିଇଓ ଏଲନମସ୍କଙ୍କୁ ଅସନ୍ତୁଷ୍ଟ କରିଛି । ଏଣୁ ସେ ଭାରତ ବଜାର ଉପରୁ ନଜର ହଟାଇ ଅନ୍ୟ ଦେଶଙ୍କ ବଜାର ଉପରେ ନଜର ପକାଇବା ଆରମ୍ଭ କରିଛନ୍ତି । ଭାରତ ସରକାର ଦେଶରେ ଇଲେକ୍ଟ୍ରିକ କାର ନିର୍ମାଣ କରି ବିଦେଶ ରପ୍ତାନୀ ପାଇଁ ସବୁ ପ୍ରକାର ସୁବିଧା ଦେବାକୁ ରାଜି । ହେଲେ ମସ୍କଙ୍କ କମ୍ପାନୀକୁ ଏହି ପ୍ରସ୍ତାବକୁ ସ୍ୱୀକାର କରୁ ନାହିଁ । ଅନ୍ୟପକ୍ଷରେ ଭାରତ ବଜାରକୁ ନଜରଅନ୍ଦାଜ କରି ଅନ୍ୟ ବଜାର ଉପରେ ଫୋକସ କରୁଛି । ଭାରତରେ ଟେସ୍ଲାର ସୁପର ଚାର୍ଜର ନେଟଓ୍ୱାର୍କ ଦାୟିତ୍ୱରେ ଅବସ୍ଥାପିତ ନିଶାନ୍ତ ପ୍ରସାଦଙ୍କ ଲିଙ୍କଡଇନ ପ୍ରୋଫାଇଲ ଇତିମଧ୍ୟରେ ବଦଳି ଯାଇଛି । ଭାରତ ବଦଳେ ତାଙ୍କୁ ଏସିୟା-ପେସିଫିକ ଚାର୍ଜିଂ ଅପରେସନ ଲିଡ ଅବସ୍ଥାପିତ କରାଯାଇଛି । ସେହିପରି ଟେସ୍ଲାର ଭାରତରେ ଅବସ୍ଥାପିତ ପ୍ରଥମ କର୍ମଚାରୀ ମନୋଜ ଖୁରାନାଙ୍କୁ କାଲିଫର୍ଣ୍ଣିଆରେ ଅବସ୍ଥାପିତ କରାଯାଇଛି । ଏଥିରୁ ମସ୍କଭାରତୀୟ ବଜାରରୁ ତାଙ୍କର ନଜର ହଟାଇଥିବା ସ୍ପଷ୍ଟ ହୋଇଯାଇଛି । ଭାରତରେ କାରବାର ପାଇଁ ଟେସ୍ଲା ଉପରେ ସରକାର ପ୍ରଥମେ ଆମଦାନୀ ଶୁଳ୍କ ହଟାନ୍ତୁ ବୋଲି ମସ୍କ ଦାବି କରୁଛନ୍ତି । ତେବେ କେନ୍ଦ୍ର ସରକାର କୌଣସି ଏକ ବାହନ କମ୍ପାନୀ ଲାଗି ଏପରି ପ୍ରାଥମିକତା ଦିଆଯାଇ ପାରିବନି ବୋଲି ସଫାସଫା ଶୁଣାଇ ଦେଇଛନ୍ତି ।






ପାଟନାର ଇଷ୍ଟ ସେଣ୍ଟ୍ରାଲ ରେଲୱେ ଜୋନର ଜି.ଏମ୍.ଙ୍କୁ ସାର୍ଟିଫିକେଟ ଅଫ୍ ଆପ୍ରିସିଏସନ ପ୍ରଦାନ କରୁଛନ୍ତି ରାଜଭାଷା କମିଟିର ଉପାଧକ୍ଷ ସାଂସଦ ଶ୍ରୀ ଭର୍ତ୍ତୃହରି ମହତାବ । ଉପସ୍ଥିତ ଅଛନ୍ତି ସାଂସଦ ଶ୍ରୀମତୀ ରୀତା ବହୁଗୁଣା, ସାଂସଦ ଦୁର୍ଗାଦାସ ଉକେ, ସାଂସଦ ଶ୍ରୀମତୀ ସଂଗୀତା ଯାଦବ

# କର୍ଣ୍ଣାଟକ ଜନତାଙ୍କୁ ପତ୍ର ଲେଖିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : କର୍ଣ୍ଣାଟକରେ ୩୮ ବର୍ଷ ଧରି ଚାଲିଆସୁଥିବା ବିରୋଧୀ ଲହରକୁ ଭାଙ୍ଗି ଲଗାତାର ଦ୍ୱିତୀୟ ଥର ବିଜୟୀ ହେବାକୁ ଶାସକ ଭାରତୀୟ ଜନତା ପାର୍ଟି(ଭାଜପା) ଲକ୍ଷ୍ୟ ରଖିଛି । ଏହି ସମୟରେ କର୍ଣ୍ଣାଟକ ବିଧାନସଭା ନିର୍ବାଚନର ଗୋଟିଏ ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟବାସୀଙ୍କୁ ଏକ ଚିଠି ଦେଇଛନ୍ତି । ମୋଦି ଏହାକୁ ତାଙ୍କ ଅଫିସିଆଲ ଟୁଇଟର ହ୍ୟାଣ୍ଡେଲ ସହ ଶେୟାର କରିଛନ୍ତି ।

ଏହା ବ୍ୟତୀତ ସେ ଏକ ଭିଡିଓ ମାଧ୍ୟମରେ ଭୋଟ ଦେବାକୁ ମଧ୍ୟ ନିବେଦନ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଚିଠିରେ ଲେଖିଛନ୍ତି, ଆପଣମାନେ ମୋତେ ସର୍ବଦା ଭଲପାଇବା ଏବଂ ସ୍ନେହରେ ବାନ୍ଧି ରଖିଛନ୍ତି । ଏହା ମୋ ପାଇଁ ଏକ ଈଶ୍ୱରୀୟ ଆଶୀର୍ବାଦ ପରି ଲାଗୁଛି । 'ସ୍ୱାଧୀନତାର ଅମୃତକାଳ'ରେ ଆମେ ଭାରତୀୟମାନେ ଆମର ପ୍ରିୟ ଦେଶକୁ ଏକ ବିକଶିତ ରାଷ୍ଟ୍ର କରିବା ପାଇଁ ଲକ୍ଷ୍ୟ ରଖିଛୁ । କର୍ଣ୍ଣାଟକ ଏହାର ଦୂରଦୃଷ୍ଟି ସାକାର କରିବାକୁ ଏହି ଆନ୍ଦୋଳନକୁ ଆଗେଇ ନେବାକୁ ଆଗ୍ରହୀ । ଭାରତ ହେଉଛି ପଞ୍ଚମ ବୃହତ୍ତମ ଅର୍ଥନୀତି । ଆମର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଶୀର୍ଷ ତିନିରେ ପହଞ୍ଚିବା । ଏହା ସମ୍ଭବ ଯେତେବେଳେ କର୍ଣ୍ଣାଟକ ଦ୍ରୁତ ଗତିରେ ୧ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପହଞ୍ଚିବ । ସେ ତାଙ୍କ ଚିଠିରେ କର୍ଣ୍ଣାଟକବାସୀଙ୍କ ପ୍ରତି ଦଳର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଛନ୍ତି ।

# ବିହାରରେ 'ଦ କେରଲା ଷ୍ଟୋରି'କୁ ଟିକସମୁକ୍ତ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କ ଦାବି

ପାଟନା : ଚଳଚ୍ଚିତ୍ର 'ଦ କେରଲା ଷ୍ଟୋରି'କୁ ନେଇ ବର୍ତ୍ତମାନ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି । କେତେକ ରାଜ୍ୟରେ ଏହି ଚଳଚ୍ଚିତ୍ରକୁ ସମର୍ଥନ କରୁଥିବା



ବେଳେ କେତେକ ରାଜ୍ୟରେ ଏହାକୁ ବିରୋଧ କରାଯାଉଛି । ଏପରିକି ରାଜ୍ୟରେ ବ୍ୟାନ୍ ମଧ୍ୟ କରାଯାଇଛି । ତାମିଲନାଡୁର ଥିଏଟର ଏବଂ ମଲ୍ଟିପ୍ଲେକ୍ସ ମାଲିକ ସଂଘ ଆସୋସିଏଶନ ଫିଲ୍ମ ସ୍କ୍ରିନିଂ ନ କରିବାକୁ ନିଷ୍ପତ୍ତି ନେଇଛି । ଅନ୍ୟପଟେ, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଫିଲ୍ମ ଟ୍ୟାକ୍ସ ମୁକ୍ତ କରିବାକୁ ଘୋଷଣା କରିଛନ୍ତି । ଏହି ସମୟରେ ବିହାର କେନ୍ଦ୍ର ମନ୍ତ୍ରୀ ଗିରିରାଜ ସିଂ ଫିଲ୍ମକୁ ନେଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଏକ ଚିଠି ଲେଖିଛନ୍ତି । ଗିରିରାଜ କହିଛନ୍ତି , ସମସାମୟିକ ସାମାଜିକ ପ୍ରସଙ୍ଗ ଉପରେ ଆଧାରିତ ଏହି ଚଳଚ୍ଚିତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଚଳଚ୍ଚିତ୍ର । ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଭଳି ରାଜ୍ୟ ଏହାକୁ ଟିକସମୁକ୍ତ କରିଛନ୍ତି ।

# ଲାଇଭ ଷ୍ଟ୍ରିମିଂ ଯୋଗୁ ଘରେ ଘରେ ପହଞ୍ଚିଛି ସୁପ୍ରିମକୋର୍ଟ: ସିଜେଆଇ



ନୂଆଦିଲ୍ଲୀ : ସୁପ୍ରିମକୋର୍ଟ କହିଛନ୍ତି, ଏହାର ପ୍ରକ୍ରିୟାର ଲାଇଭ ଷ୍ଟ୍ରିମିଂ କୋର୍ଟ ସାଧାରଣ ନାଗରିକଙ୍କ ଘରେ ଘରେ ପହଞ୍ଚିଛି । ଲାଇଭ ଷ୍ଟ୍ରିମ ହୋଇଥିବା ବିଷୟବସ୍ତୁ ଇଂଲିଶ ବ୍ୟତୀତ ଅନ୍ୟ ଭାଷାରେ ନିଶ୍ଚିତ କରିବାକୁ ଟେକ୍ନୋଲୋଜି ବ୍ୟବହାର କରିବାକୁ ଚେଷ୍ଟା କରାଯାଉଛି । ଏକାସାଙ୍ଗରେ ଅନ୍ୟ ଭାଷାରେ ଏହାର ଷ୍ଟ୍ରିମିଂ ହେବା ଦ୍ୱାରା ଅଧିକରୁ ଅଧିକ ଲୋକ ଏହାକୁ ଅନୁସରଣ କରିପାରିବେ । ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡଙ୍କ ନେତୃତ୍ୱରେ ଏକ ପାଞ୍ଚ ଜଣିଆ ସମ୍ବିଧାନ ବେଞ୍ଚ ଅଷ୍ଟମ ଦିନରେ ସମଲିଙ୍ଗୀ ବିବାହର ଆଇନଗତ ମାନ୍ୟତା ପାଇବାକୁ ଆବେଦନ ଉପରେ ନିଜର ତର୍କ ଉପସ୍ଥାପନ କରି ଏଭଳି କହିଛନ୍ତି । ମଧ୍ୟପ୍ରଦେଶ ପକ୍ଷରୁ ହାଜର ହୋଇଥିବା ବରିଷ୍ଠ ଆଡଭୋକେଟ ରାକେଶ ଦ୍ୱିବେଦୀ କହିଛନ୍ତି, ପ୍ରକ୍ରିୟାର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ହେଉଛି ସମାଜରେ ଏହାର ଚର୍ଚ୍ଚା ହେଉଛି । ଏହି ବିତର୍କ ଏବଂ ଦେଶର ବିଭିନ୍ନ କୋଣରେ ଲାଇଭ ଷ୍ଟ୍ରିମିଂ ଯୋଗୁ ଲୋକମାନେ ଏହି ପ୍ରସଙ୍ଗଗୁଡ଼ିକ ବିଷୟରେ ଚିନ୍ତା କରୁଛନ୍ତି । ପ୍ରଧାନ ବିଚାରପତିଙ୍କ ବ୍ୟତୀତ ଜଷ୍ଟିସ ଏସ.କେ କୌଲ, ଏସ.ଆର୍ ଭଟ୍ଟ, ହିମା କୋହଲି ଏବଂ ପିଏସ ନରସିଂହ କହିଛନ୍ତି, ଏହି ପ୍ରକ୍ରିୟାର ଏକମାତ୍ର ପ୍ରତିବନ୍ଧକ ହେଉଛି କୋର୍ଟରେ ଯୁକ୍ତି ଇଂଲିଶରେ, ଯେଉଁ ଭାଷା ଗ୍ରାମରେ ରହୁଥିବା ଅଧିକାଂଶ ଲୋକ ବୁଝିପାରୁ ନାହାଁନ୍ତି । ଜଷ୍ଟିସ ଚନ୍ଦ୍ରଚୁଡ କହିଛନ୍ତି, ଆପଣଙ୍କ ପାଖରେ ଥିବା କପି ଉପରେ ଆମେ କାର୍ଯ୍ୟ କରୁଛୁ, ବର୍ତ୍ତମାନ ସେହି ଭାଷାଗୁଡ଼ିକରେ ଲାଇଭ ଷ୍ଟ୍ରିମିଂ ବିଷୟବସ୍ତୁ ଉପଲବ୍ଧ ହେବା ନିଶ୍ଚିତ କରିବାକୁ ଟେକ୍ନୋଲୋଜି ବ୍ୟବହାର କରିବାକୁ ଚେଷ୍ଟା କରୁଛୁ । ଯାହା ସମସ୍ତ ନାଗରିକ ବୁଝିପାରିବେ । ଏହି ପ୍ରସଙ୍ଗରେ ଜାମିଆତ୍-ଉଲେମା-ଇ-ହିନ୍ଦଙ୍କ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଡଭୋକେଟ କପିଲ ସିବଲ କହିଛନ୍ତି ଟେକ୍ନୋଲୋଜି ବର୍ତ୍ତମାନ ଜଣେ ବ୍ୟକ୍ତିଙ୍କୁ ଜାପାନିଜ ସମେତ ବିଭିନ୍ନ ଭାଷାରେ ଇଂଲିଶରେ କ'ଣ କୁହାଯାଉଛି ତାହା ଶୁଣିବାକୁ ଅନୁମତି ଦେଇଥାଏ । ସମଲିଙ୍ଗୀ ଦମ୍ପତିଙ୍କ ପ୍ରକୃତ ମାନବିକ ଚିନ୍ତାଧାରାକୁ ସମାଧାନ କରିବା ପାଇଁ ନିଆଯାଇଥିବା ପ୍ରଶାସନିକ ପଦକ୍ଷେପ ଯାଞ୍ଚ କରିବା ପାଇଁ କ୍ୟାବିନେଟ ସଚିବଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯିବ ବୋଲି କେନ୍ଦ୍ର ସର୍ବୋଚ୍ଚ ନ୍ୟାୟାଳୟଙ୍କୁ କହିଛି ।

# ପାଶ୍ଚାତ୍ୟ ଦେଶର ଚାକର ପାଲଟିଛି ୟୁକ୍ରେନ: ପୁଟିନ

ମସ୍କୋ : ରୁଷିଆର ରାଜଧାନୀ ମସ୍କୋରେ ବିଜୟ ଦିବସ ପରେଡରେ ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନ ଦେଶବାସୀଙ୍କୁ ସମ୍ବୋଧିତ କରିଥିଲେ । ଏହି ସମୟରେ ପୁଟିନ କହିଥିଲେ, ସଭ୍ୟତା ପରିବର୍ତ୍ତନ ପଥରେ ଅଛି । ରୁଷିଆ ବିରୋଧରେ ଏକ ଯୁଦ୍ଧ ହୋଇଛି ଏବଂ ଆମେ ଆମର ସୁରକ୍ଷା ନିଶ୍ଚିତ କରିବୁ । ପୁଟିନ କହିଛନ୍ତି ଆମ ପାଇଁ ଦେଶଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କିଛି ନାହିଁ । ବିଜୟ ଦିବସ ପରେଡରେ ପୁଟିନ ତାଙ୍କ ସମ୍ବୋଧନରେ କହିଛନ୍ତି, ୟୁକ୍ରେନ ପାଶ୍ଚାତ୍ୟ ଦେଶର ଚାକର ପାଲଟିଛି । କିନ୍ତୁ ଆମକୁ କଣ କରିବାକୁ ହେବ ତାହା ଆମେ ଜାଣୁ । ଆମେ ସର୍ବୋଚ୍ଚତାର କୌଣସି ଆଦର୍ଶକୁ ଗ୍ରହଣ କରୁନାହୁଁ । ପୁଟିନ ୟୁକ୍ରେନକୁ ନାଜିମାନଙ୍କ ସହ ତୁଳନା କରି କହିଥିଲେ ରୁଷିଆର ମାତୃଭୂମି ବିରୁଦ୍ଧରେ ଯୁଦ୍ଧ ଚାଲିଛି ।

# ଲିଭ୍ଇନ ସମଲଙ୍ଗୀ ଦମ୍ପତିଙ୍କୁ ସରୋଗେସି ଆକ୍ଟ ଅଧୀନରେ ନ ଆଣିବା ପାଇଁ କେନ୍ଦ୍ରର ଯୁକ୍ତି

ନୂଆଦିଲ୍ଲୀ : ଲିଭ୍ ଇନ ଦମ୍ପତି ତଥା ସମଲିଙ୍ଗୀ ଦମ୍ପତିଙ୍କୁ ସରୋଗେସି ଅଧିନିୟମ ଅଧୀନରେ ଆଣିବାକୁ କେନ୍ଦ୍ର ସରକାର ବିରୋଧ କରିଛନ୍ତି । ସୁପ୍ରିମକୋର୍ଟରେ ଏକ ଉତ୍ତର ଦାଖଲ କରୁଥିବାବେଳେ କେନ୍ଦ୍ର ସରକାର କହିଛନ୍ତି, ଏହି ଦମ୍ପତିଙ୍କୁ ସରୋଗେସି ଅଧିନିୟମ ଅଧୀନରେ ଆଣିବା ଏହି ଆଇନର ଅପବ୍ୟବହାରକୁ ଉତ୍ସାହିତ କରିବ । ଆହୁରି ମଧ୍ୟ, ଏପରି ପରିସ୍ଥିତିରେ ସରୋଗେଟ ଗର୍ଭରୁ ଜନ୍ମ ହୋଇଥିବା ଶିଶୁର ଉଜ୍ଜ୍ୱଳ ଭବିଷ୍ୟତ ବିଷୟରେ ଆଶଙ୍କା ଦେଖାଦେଇଥାଏ । ଏହା ବ୍ୟତୀତ ଅବିବାହିତ, ଅବିବାହିତା ମହିଳାଙ୍କୁ ସରୋଗେସି ଆକ୍ଟର ଲାଭରୁ



ଦୂରେଇ ରଖିବା ପାଇଁ ସରକାର ତାଙ୍କ ନିଷ୍ପତ୍ତିକୁ ଯଥାର୍ଥତା ଦେଇଛନ୍ତି । ବର୍ତ୍ତମାନ, କେବଳ ଦୁଇଟି ପରିସ୍ଥିତିରେ ଜଣେ ମହିଳାଙ୍କୁ ସରୋଗେସି ଅନୁମତି ଦିଆଯାଇଛି । ଯଦି ମହିଳା ଜଣକ ବିଧବା ଅଟନ୍ତି ଏବଂ ସମାଜର ଭୟ ହେତୁ ସେ ନିଜେ ଏକ ସନ୍ତାନ ପ୍ରସବ କରିବାକୁ ଚାହାଁନ୍ତି ନାହିଁ, କିମ୍ବା ମହିଳାଙ୍କର ଛାଡପତ୍ର ହୋଇଥିବାବେଳେ ସେ ପୁନର୍ବାର ବିବାହ କରିବାକୁ ଇଚ୍ଛା କରନ୍ତି ନାହିଁ । ଏହି ଉଭୟ ପରିସ୍ଥିତିରେ, ଏକ ସର୍ତ୍ତ ରଖାଯାଇଛି, ମହିଳାଙ୍କ ବୟସ ୩୫ ର୍ଷରୁ ଅଧିକ ହେବା ଉଚିତ । ସରକାର ଏବଂ ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚ (ଆଇସିଏମଆର) ସରୋଗେସି ଆକ୍ଟର ବିଭିନ୍ନ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରୁଥିବା ଆବେଦନଗୁଡିକର ଉତ୍ତରରେ ଏହି ଆଫିଡେଭିଟ ଦାଖଲ କରିଛନ୍ତି । ଏହାର ଉତ୍ତରକୁ ସମର୍ଥନ କରି ସଂସଦୀୟ କମିଟି ରିପୋର୍ଟକୁ ଦର୍ଶାଇ ସରକାର କହିଛନ୍ତି, ସରୋଗେସି ଆକ୍ଟ କେବଳ ଆଇନତଃ ସ୍ୱୀକୃତିପ୍ରାପ୍ତ ବିବାହିତ ପୁରୁଷ ଓ ମହିଳାଙ୍କୁ ଅଭିଭାବକ ଭାବରେ ସ୍ୱୀକୃତି ଦେଇଥାଏ ।

# ଏମଭିଏରେ ମୁହାଁମୁହିଁ: ଶରଦ-ଉଦ୍ଧବ ବାକ୍ୟୁଦ୍ଧ



ମୁମ୍ବାଇ : ମହାରାଷ୍ଟ୍ରରେ ଏନସିପିର ନେତୃତ୍ୱକୁ ନେଇ ଚାଲିଥିବା ବିବାଦ ଶେଷ ହୋଇଥାଇପାରେ, କିନ୍ତୁ ଏହା ରାଜ୍ୟ ରାଜନୀତିରେ ବହୁତ ପ୍ରଭାବ ପକାଇଛି । ଦଳର ପରବର୍ତ୍ତୀ ଅଧକ୍ଷ ଘୋଷଣା ନକରିବା ଏବଂ ତାଙ୍କ ଇସ୍ତଫା ପ୍ରତ୍ୟାହାର ନ କରିବାକୁ ଶରଦ ପାୱାରଙ୍କ ନିଷ୍ପତ୍ତିକୁ ଉଦ୍ଧବ ଠାକରେ ନେତୃତ୍ୱାଧୀନ ଶିବସେନା ମଧ୍ୟରେ ବାକ୍ୟୁଦ୍ଧ ଆରମ୍ଭ ହୋଇଛି । ଫଳରେ ମହା ବିକାଶ ଅଘାଡି(ଏମଭିଏ)ର ସଦସ୍ୟ ଦଳଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହେବା ସହିତ ମେଣ୍ଟର କଳି ପଦାରେ ପଡ଼ିଛି । ବର୍ତ୍ତମାନ ଶରଦ ପାୱାର ନିଜେ ଏ ସମ୍ପର୍କରେ ଏକ ବିବୃତ୍ତି ଦେଇଛନ୍ତି ଏବଂ ଉଦ୍ଧବ ଶିବସେନା ପକ୍ଷରୁ ଏହାକୁ କଟାକ୍ଷ କରାଯାଇଛି । ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନସିପି) କୁ ଆଗକୁ ନେବା ପାଇଁ ଶରଦ ପାୱାର ରାଜନୈତିକ ଉତ୍ତରାଧିକାରୀ ସୃଷ୍ଟି କରିବାରେ ବିଫଳ ହୋଇଛନ୍ତି ବୋଲି ଉଦ୍ଧବ ଶିବସେନା କହିଛି । ଉଦ୍ଧବ ଶିବସେନା ମୁଖପତ୍ର ସାମନାରେ ଏହା ମଧ୍ୟ କୁହାଯାଇଛି , ଶରଦ ପାୱାରଙ୍କ ପରେ ଏନସିପିର ନୂତନ ଅଧକ୍ଷ ଚୟନ କରିବା ପାଇଁ ଗଠିତ ବୃହତ କମିଟିର ବହୁ ସଦସ୍ୟ ଯେଉଁମାନେ ଶାସକ ଭାରତୀୟ ଜନତା ପାର୍ଟି (ଭାଜପା) ସହିତ ଯିବାକୁ ଇଚ୍ଛା କରୁଥିଲେ । କିନ୍ତୁ ଏନସିପି କ୍ୟାଡରମାନଙ୍କ ଚାପରେ ଥିବାରୁ ଏହି ସଦସ୍ୟମାନଙ୍କୁ ପାୱାରଙ୍କୁ ଅଧକ୍ଷ ପଦ ଜାରି ରଖିବାକୁ କହିବାକୁ ପଡ଼ିଥିଲା । ସାମନାରେ ପ୍ରକାଶିତ ଏହି ଆର୍ଟିକିଲ ଉପରେ ପାୱାର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଖବରଦାତାମାନଙ୍କ ସହ କଥାବାର୍ତ୍ତା କରି ପାୱାର କହିଛନ୍ତି, ସେ ଏବଂ ତାଙ୍କ ଦଳର ନେତାମାନେ ଅନ୍ୟମାନେ ଯାହା କୁହନ୍ତି ସେଥିପ୍ରତି ଧ୍ୟାନ ଦିଅନ୍ତି ନାହିଁ । ସାମନାରେ ପ୍ରକାଶିତ ଏହିପରି ପ୍ରବନ୍ଧଗୁଡିକୁ ମଧ୍ୟ ଗୁରୁତ୍ୱ ଦିଅନ୍ତି ନାହିଁ । କାରଣ ଆମେ ଜାଣୁ ଆମେ କଣ କରୁଛୁ । ଏନସିପିରେ ସମସ୍ତେ ଦଳକୁ କିପରି ଆଗକୁ ବଢ଼ାଯିବ ତାହା ଜାଣନ୍ତି ଏବଂ ଦଳର ଏକ ନୂତନ ନେତୃତ୍ୱ କିପରି ଗଢ଼ିବେ ତାହା ମଧ୍ୟ ସେମାନେ ଜାଣନ୍ତି । ଏହା ଲେଖିବା ତାଙ୍କର ଦୃଷ୍ଟିକୋଣ, କିନ୍ତୁ ଆମେ ଏହାକୁ ଅଣଦେଖା କରୁ । ଆମେ ଜାଣୁ ଆମେ କଣ କରୁଛୁ ଏବଂ ଏଥିରେ ସନ୍ତୁଷ୍ଟ । ୧୯୯୯ ରେ କଂଗ୍ରେସ ଏବଂ ଏନସିପି କ୍ଷମତାକୁ ଆସିଥିଲେ । ପରେ ଜୟନ୍ତ ପାଟିଲ, ଅଜିତ ପାୱାର, ଦିଲୀପ ୱାଲ୍ସ ପାଟିଲ ଏବଂ ଆର.ଆର ପାଟିଲ ଏନସିପିରୁ କ୍ୟାବିନେଟରେ ସ୍ଥାନ ପାଇଥିଲେ । ମୁଁ ରାଜ୍ୟ ମନ୍ତ୍ରୀ ଭାବରେ ମୋର ରାଜନୈତିକ କ୍ୟାରିୟର ଆରମ୍ଭ କଲି ଏବଂ ପରେ ପଦୋନ୍ନତି ପାଇଲି ।

# ବ୍ରିଗେଡିୟର ଓ ଉପର ର୍ୟାଙ୍କ ଅଧିକାରୀ ପିନ୍ଧିବେ ସମାନ ୟୁନିଫର୍ମ

ନୂଆଦିଲ୍ଲୀ: ଏଣିକି ଭାରତୀୟ ସେନାରେ ବ୍ରିଗେଡିୟର୍ ଏବଂ ତଦୁର୍ଦ୍ଧ୍ୱ ଅଧିକାରୀଙ୍କ ପାଇଁ ସମାନ ୟୁନିଫର୍ମ ଆଣିବାକୁ ନିଷ୍ପତ୍ତି ନିଆଯାଇଛି । ସୂତ୍ରରୁ ପ୍ରକାଶ ଯେ ନିକଟରେ ଶେଷ ହୋଇଥିବା ସେନା କମାଣ୍ଡର ସମ୍ମିଳନୀରେ ବିସ୍ତୃତ ବିଚାର ପରେ ଏହି ନିଷ୍ପତ୍ତି ନିଆଯାଇଛି । ତେବେ କର୍ଣ୍ଣେଲ ପଦବୀ ଏବଂ ତଳ ଅଧିକାରୀଙ୍କ ୟୁନିଫର୍ମରେ କୌଣସି ପରିବର୍ତ୍ତନ ହେବ ନାହିଁ । ସୂଚନାନୁସାରେ, ଫ୍ଲାଗ ରାଙ୍କ (ବ୍ରିଗେଡିୟର୍ ଏବଂ ତଦୁର୍ଦ୍ଧ୍ୱ) ର ବରିଷ୍ଠ ଅଧିକାରୀଙ୍କ ହେଡଗୀୟର, କାନ୍ଧର ବ୍ୟାଜ୍, ବେଲ୍ଟ ଏବଂ ଜୋତା ବର୍ତ୍ତମାନ ଏକା ଭଳି ହେବ । ଫ୍ଲାଗ-ରାଙ୍କ ଅଧିକାରୀମାନେ ଆଉ କୌଣସି ଲାନାର୍ଡ ପିନ୍ଧିବେ ନାହିଁ । ଏହି ପରିବର୍ତ୍ତନ ଚଳିତ ବର୍ଷ ଅଗଷ୍ଟ ୧ ରୁ କାର୍ଯ୍ୟକାରୀ ହେବ । କର୍ଣ୍ଣେଲ ପଦବୀ ଏବଂ ଭାରତୀୟ ସେନାରେ ତଳର ଅଧିକାରୀମାନେ ପିନ୍ଧିଥିବା ୟୁନିଫର୍ମ ପୂର୍ବ ପରି ରହିବ । ମେଜର ଜେନେରାଲ, ଲେଫ୍ଟନାଣ୍ଟ ଜେନେରାଲ ଏବଂ ଜେନେରାଲଙ୍କ ସମେତ ବ୍ରିଗେଡିୟର ସ୍ତର ଏବଂ ତଦୁର୍ଦ୍ଧ୍ୱ ଅଧିକାରୀଙ୍କ ରେଜିମେଣ୍ଟାଲ୍ ସୀମା ନାହିଁ । ଭାରତୀୟ ସେନାରେ ବ୍ରିଗେଡିୟର୍ ଏବଂ ତଦୁର୍ଦ୍ଧ୍ୱ ଅଧିକାରୀମାନେ ପୂର୍ବରୁ ୟୁନିଟ୍, ବାଟାଲିୟନ ସମ୍ଭାଳିଥାନ୍ତି ଏବଂ ଅଧିକାଂଶ ମୁଖ୍ୟାଳୟ କିମ୍ବା ପ୍ରତିଷ୍ଠାନରେ ପୋଷ୍ଟ ହୋଇଥାନ୍ତି ।

# ରୁଷର ବିଧ୍ୱଂସକାରୀ ଯୋଜନା: ପୁଣି ପକାଇବ ଫସ୍ଫରସ ବୋମା

ମସ୍କୋ : ରୁଷିଆ ଫସଫରସ ବୋମା ଦ୍ୱାରା ୟୁକ୍ରେନର ବାଖମୁଟ ସହର ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ୟୁକ୍ରେନ ସୈନ୍ୟ ବିଭାଗ ଦ୍ୱାରା ପ୍ରକାଶିତ ଡ୍ରୋନ ଫୁଟେଜରେ ବାଖମୁଟ ଜଳୁଥିବା ଦେଖାଯାଇଛି । ଭିଡିଓରେ ଦେଖାଯାଉଛି, ବାଖମୁଟ ଉପରେ ଧଳା ଫସଫରସ ବର୍ଷା ହେଉଛି । ଧଳା ଫସଫରସ ଅସ୍ତ୍ର ନିଷେଧ ନୁହେଁ, କିନ୍ତୁ ନାଗରିକ ଅଞ୍ଚଳରେ ଏହାର ବ୍ୟବହାର ଯୁଦ୍ଧ ଅପରାଧ ଭାବରେ ବିବେଚନା କରାଯାଏ । ଏହା ଦ୍ରୁତ ବିସ୍ତାରିତ ଅଗ୍ନି ସୃଷ୍ଟି କରିଥାଏ ଯାହା ଲିଭାଇବା ଅତ୍ୟନ୍ତ କଷ୍ଟକର । ଅତୀତରେ ରୁଷିଆ ମଧ୍ୟ ଏହାକୁ ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ରୁଷିଆ ଯେକୌଣସି ମୂଲ୍ୟରେ ୟୁକ୍ରେନର ବାଖମୁଟ ସହରକୁ ଦଖଲକରିବାକୁ ଚେଷ୍ଟା କରୁଛି । ରୁଷିଆର ସେନା ବ୍ୟତୀତ ଏଥିରେ ୱାଗନର୍ ଗ୍ରୁପର ଯୁଦ୍ଧବିମାନ ମଧ୍ୟ ଅନ୍ତର୍ଭୁକ୍ତ । ବାଖମୁଟର ଅନେକ ଅଂଶ ଉପରେ ରୁଷିଆର ନିୟନ୍ତ୍ରଣ ମଧ୍ୟ ସ୍ଥାପିତ ହୋଇଛି । ୟୁକ୍ରେନ ପ୍ରତିରକ୍ଷା



ମନ୍ତ୍ରଣାଳୟ ଟୁଇଟ କରି କହିଛି ଏହି ଆକ୍ରମଣ ବାଖମୁଟର ଅବିଭକ୍ତ ଅଞ୍ଚଳକୁ ପ୍ରଜ୍ୱଳିତ ଅସ୍ତ୍ରଶସ୍ତ୍ର ସହିତ ଟାର୍ଗେଟ କରିଛି । ଏହା କେବେ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ । କିନ୍ତୁ ୟୁକ୍ରେନରୁ ଶେୟାର କରାଯାଇଥିବା ଫୁଟେଜଗୁଡିକ ଏକ ସିସିଟିଭି ଡ୍ରୋନ ଦ୍ୱାରା ରେକର୍ଡ ହୋଇଥିବା ଜଣାପଡିଛି । ଏଥିରେ ନିଆଁ ଲାଗିଥିବା ଉଚ୍ଚ ଅଟ୍ଟାଳିକା ରହିଛି । ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ଅନ୍ୟ ଭିଡିଓଗୁଡ଼ିକରେ ଭୂମିରେ ନିଆଁ ଏବଂ ରାତିର ଆକାଶରେ ଧଳା ମେଘ ଦେଖାଯାଉଛି । ଯୁଦ୍ଧ ଆରମ୍ଭରେ ମାରିଅପୋଲ ଅବରୋଧ ସମୟରେ ରୁଷିଆ ମଧ୍ୟ ୟୁକ୍ରେନରେ ଧଳା ଫସଫରସ ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା । ଫସଫରସ ବୋମା ବ୍ୟବହାରକୁ ରୁଷିଆ କେବେବି ସର୍ବସାଧାରଣରେ ସ୍ୱୀକାର କରି ନାହିଁ । ଗତ ବର୍ଷ କ୍ରେମଲିନ ପ୍ରେସ ସେକ୍ରେଟାରୀ ଡିମିଟ୍ରି ପେସ୍କୋଭ କହିଥିଲେ ରୁଷିଆ ଅନ୍ତର୍ଜାତୀୟ ଚୁକ୍ତିକୁ ଉଲ୍ଲଂଘନ କରି ନାହିଁ । ଧଳା ଫସଫରସ ହେଉଛି ଏକ ଜ୍ୱଳନଶୀଳ ପଦାର୍ଥ ଯାହା ୮୦୦ ଡିଗ୍ରୀ ସେଣ୍ଟିଗ୍ରେଡରେ ଜଳିଯାଏ । ଏହା ଅମ୍ଳଜାନ ସଂସ୍ପର୍ଶରେ ଆସିବା ପରେ ଜଳିଥାଏ ଏବଂ ଧଳା ଉଜ୍ଜ୍ୱଳ ଧୂଆଁ ସୃଷ୍ଟି କରେ । ଏହା ଫସଫରସ ପେଣ୍ଟକ୍ସାଇଡ ନାମକ ଏକ ଗ୍ୟାସ ସୃଷ୍ଟି କରେ ଯାହା ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି କରିପାରେ । ଧଳା ଫସଫରସ ମଧ୍ୟ ଏକ ଲୋକପ୍ରିୟ ଯୁଦ୍ଧ ସାମଗ୍ରୀ । ଶତ୍ରୁମାନଙ୍କ ଆଖିରୁ ନିଜକୁ ଲୁଚାଇବା ପାଇଁ ଏହା ପଦାତିକ ବାହିନୀଙ୍କ ଦ୍ୱାରା ବ୍ୟବହୃତ ହୁଏ । ଏହା ବ୍ୟତୀତ ଏହାର ଶେଲ ଟାଙ୍କି ଏବଂ ଅନ୍ୟାନ୍ୟ ସଶସ୍ତ୍ର ଯାନରେ ଲଗାଯାଏ, ଯାହା ଯୁଦ୍ଧ ଅଞ୍ଚଳରେ ଧଳା ଧୂଆଁର ମେଘ ସୃଷ୍ଟି କରେ । ଏହି କାରଣରୁ, ଶତ୍ରୁ କିଛି ସ୍ପଷ୍ଟ ଦେଖି ପାରନ୍ତି ନାହିଁ । ଏହା ଧୂଆଁ ଗ୍ରେନେଡରେ ମଧ୍ୟ ବ୍ୟବହୃତ ହୁଏ । ଏହାରର ବ୍ୟବହାର ସୀମିତ ନୁହେଁ, କିନ୍ତୁ ଏହାକୁ କୌଣସି ବିସ୍ଫୋରକ ସହିତ ଆଇନଗତ ଭାବରେ ବ୍ୟବହାର କରାଯାଇପାରିବ ନାହିଁ । ହ୍ୟୁମାନ ରାଇଟ୍ସ ୱାଚ ଅନୁଯାୟୀ, ଧଳା ଫସଫରସ ଦ୍ୱାରା ହୋଇଥିବା କ୍ଷତ ଅତ୍ୟନ୍ତ ବିପଜ୍ଜନକ ଅଟେ । ଏହା ଅତ୍ୟନ୍ତ ଷ୍ଟିକି, ଯାହା ଏକଦା ମାନବ ଶରୀରରେ ଲାଗିଥାଏ, ଏହାକୁ ବାହାର କରିବା କଷ୍ଟକର । ଯଦି ଧଳା ଫସଫରସର ଗୋଟିଏ ଖଣ୍ଡ ମଧ୍ୟ ଶରୀର ଉପରେ ରହିଥାଏ ଏବଂ ଏହା ବାୟୁ ସଂସ୍ପର୍ଶରେ ଆସେ, ତେବେ ଏହା ନିଆଁକୁ ଆୟତ୍ତ କରିବା କଷ୍ଟକର ହୋଇଥାଏ ।

# ଆସାମରେ ବହୁ ବିବାହ ଉପରେ ଲାଗିବ କଟକଣା

ଗୁଆହାଟୀ : ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଆସାମରେ ବହୁବିବାହ ଉପରେ ପ୍ରତିବନ୍ଧକ ଲଗାଇବା ଉପରେ ସଂକେତ ଦେଇଛନ୍ତି । ସେ କହିଛନ୍ତି , "ଆମେ ୟୁନିଫର୍ମ ସିଭିଲ କୋଡ୍ (ୟୁସିସି) ଅନୁସରଣ କରୁନାହୁଁ, କିନ୍ତୁ ଆମେ ଏକ ରାଜ୍ୟ ଆଇନ ଅନୁଯାୟୀ ବହୁବିବାହ ଉପରେ ପ୍ରତିବନ୍ଧକ ଲଗାଇବାକୁ ଚାହୁଁଛୁ । ଆସାମ ସରକାର ଏହି ଅଞ୍ଚଳରେ ବହୁବିବାହକୁ ନିଷିଦ୍ଧ କରିବାର ଅଧିକାର ରାଜ୍ୟ ସରକାରଙ୍କ ପାଖରେ ଅଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି ଯେ ସରକାର ରାଜ୍ୟରେ ବହୁବିବାହ ଉପରେ ପ୍ରତିବନ୍ଧକ ଲଗାଇବାକୁ ଚାହୁଁଛନ୍ତି । ଏହା ପୂର୍ବରୁ ଶନିବାର ଦିନ କର୍ଣ୍ଣାଟକରେ ଏକ ରାଲିକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶର୍ମା କହିଥିଲେ ଯେ ପୁରୁଷମାନେ ଚାରିଥର ବିବାହ କରିବା ଏବଂ ମହିଳାମାନଙ୍କୁ "ସନ୍ତାନ ଜନ୍ମ ମେସିନ୍" କରିବାର ପ୍ରଥାକୁ ଶେଷ କରିବା ପାଇଁ ରାଜ୍ୟରେ ୟୁନିଫର୍ମ ସିଭିଲ କୋଡ୍ ଲାଗୁ କରିବା ଗୁରୁତ୍ୱପୂର୍ଣ୍ଣ ।

# ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ



ପାରଳାଖେମଣ୍ଡି, (ପିପିଏସ୍): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଗାଇବା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ଲିଙ୍ଗରାଜ ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ବାମଦେବ ସିଂ, ପିଏ ଆଇଟିଡିଏ ଶ୍ରୀ ଫାଲଗୁନି ମାଝୀ ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ଗାଇବା ଗ୍ରାମ ପଞ୍ଚାୟତ ସମେତ ପରିଡ଼ା, ବାଇଝାଲ ଓ ବୃଶଭା ଗ୍ରାମ ପଞ୍ଚାୟତର ସମୁଦାୟ ମୋଟ- ୭୬ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୭୨ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା- ୪ ଗୋଟି ଓ ୩୧ ଗୋଟି ଅଭିଯୋଗକୁ ତୁରନ୍ତ ଫୈସଲା କରାଯାଇ ସମାଧାନ କରାଯାଇଛି । ୨ ଜଣଙ୍କୁ ରେଡ୍ କ୍ରସ୍ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କରାଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସ୍ଥାନୀୟ ସମୟରେ ଗୁମ୍ମା ବ୍ଲକ୍ ଅଧକ୍ଷା ସୁନେମୀ ମଣ୍ଡଳ,ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଅନୁପ ଅଭିଷେକ ବେହେରା, ତହସିଲଦାର ଜନ ଅଭିଯୋଗ ଶୁଣାଣି ନୋଡାଲ ଅଧିକାରୀ ଓ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ ।

# ଭାଇରାଲ୍ ହେଉଛି ଅବ୍ୟବସ୍ଥା ଭିତରେ ହରିଶଙ୍କର ବୈଶାଖ ନୃସିଂହ ଚତୁର୍ଦ୍ଦଶୀ ମହୋତ୍ସବ



ଖପ୍ରାଖୋଲ (ପିପିଏସ) କିଛି ଦିନ ତଳେ ହରିଶଙ୍କର ଠାରେ ହୋଇଥିବା ନୃସିଂହ ଚତୁର୍ଦ୍ଦଶୀ ମହୋତ୍ସବ ଘୋର ଅବ୍ୟବସ୍ଥା ଭିତରେ ଉଦଯାପିତ ବୋଲି ସୋସିଆଲ ମିଡ଼ିଆ ସହ ପ୍ରିଣ୍ଟ ମିଡିଆରେ ଭାଇରାଲ ହେବା ଦେଖିବାକୁ ମିଳିଛି କ୍ଷ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଠାରୁ ମାତ୍ର ତେର କିଲୋମିଟର ଦୂରରେ ଥିବା ପ୍ରସିଦ୍ଧ ଶୈବପୀଠ ହରିଶଙ୍କର ମନ୍ଦିର କୁ ଆଜି କୌଣସି ପରିଚୟ ର ଆବଶ୍ୟକତା ନାହିଁ କ୍ଷ ହଜାର ହଜାର ଶ୍ରଦ୍ଧାଳୁ ଏହି ମନ୍ଦିର କୁ ଦର୍ଶନ କରିବାକୁ ଆସିଥାନ୍ତି କ୍ଷ ୮୦ ବର୍ଷ ରୁ ଉର୍ଦ୍ଧ୍ୱ ହେଲା ବୈଶାଖ ମାସରେ ହରିଶଙ୍କର ଠାରେ ନୃସିଂହ ଚତୁର୍ଦ୍ଦଶୀ ମହୋତ୍ସବ ପାଳନ କରାଯାଉ ଥିବା ଜଣାଯାଇଛି କ୍ଷ କିଛି ବର୍ଷ ହେଲା ମନ୍ଦିର ର ରକ୍ଷଣ ବେକ୍ଷଣ ପାଇଁ କମିଟି ଗଠନ କରଯାଇଛି କ୍ଷ ସ୍ଥାନୀୟ କିଛି ଲୋକଙ୍କ କହିବା ଅନୁଯାୟୀ ଯେତେବେଳେ ମନ୍ଦିର କମିଟି ର ସଦସ୍ୟ ବଛା ହୋଇଥାଏ କମିଟିରେ ଥିବା ପୁରୁଣା ସଦସ୍ୟହିଁ ପୁଣି ଆଉଥରେ ପଦ ପଦବୀରେ ରହିଥାନ୍ତି କ୍ଷ ଏମିତି ବର୍ଷ ବର୍ଷ ଧରି ସେମାନେ ହିଁ ମନ୍ଦିର କମିଟିରେ ଅଡ୍ଡା ଜମେଇବା ସହ ଏହି ବିଭାଗ ର ମୁଖ୍ୟ ପଦଧାରୀ ନିଜକୁ ମନ୍ଦିରର ସର୍ବେସର୍ବା ଭାବି ଶ୍ରଦ୍ଧାଳୁ ମାନଙ୍କ ଅସୁବିଧାକୁ ଏଡେଇ ଦେଉଛନ୍ତି ବୋଲି ଜନସାଧାରଣରେ ଆଲୋଚନା ହେଉଛି କ୍ଷ ଚଳିତ ବର୍ଷ ମେ ମାସ ଏକ ତାରିଖରୁ ବୈଶାଖ ଚତୁର୍ଦ୍ଦଶୀ ମହୋତ୍ସବ ଚାଲିଛି ଏହି ମହୋତ୍ସବ ଆଗରୁ ତିନି ଦିନ ପର୍ଯ୍ୟନ୍ତ ହେଉଥିବା ବେଳେ ଚଳିତ ବର୍ଷ ପାଞ୍ଚ ଦିନ ଚାଲିବା ପାଇଁ ସ୍ୱୀକୃତ କରାଯଇଥିଲା କ୍ଷ ହଜାର ହଜାର ଶ୍ରଦ୍ଧାଳୁ ଏହି ମହୋତ୍ସବ କୁ ଆସୁଥିବା ବେଳେ ତାଙ୍କ ପାଇଁ କୌଣସି ସୁବିଧା କରାଯାଇ ନାହିଁ ବୋଲି ଲୋକେ ଆଲୋଚନା କରୁଛନ୍ତି କ୍ଷ ଆମ ପ୍ରତିନିଧି ଯେତେବେଳେ ଲୋକଙ୍କୁ ଅସୁବିଧା ପଚାରିଲେ ସେମାନେ କହିଲେ ଗାଡିଷ୍ଟାଣ୍ଡ ଠାରୁ ପାଖାପାଖି ୩ କିଲୋମିଟର ପର୍ଯ୍ୟନ୍ତ ଖରାରେ ଚାଲି ଚାଲି ଆସିବାକୁ ପଡୁଛି କିନ୍ତୁ ଲୋକଙ୍କୁ ବିଶ୍ରାମ କରିବା କିମ୍ବା ବସିବା ପାଇଁ କୌଣସି ସୁବିଧା ନାହିଁ, ମହିଳା ମାନଙ୍କ ପାଇଁ ଟେମ୍ପରାରି ପରିସ୍ରାଗାର ର ସୁବିଧା କରାଯାଇ ନାହିଁ, ବିକଳାଙ୍ଗ ମାନଙ୍କ ପାଇଁ ମନ୍ଦିର ପର୍ଯ୍ୟନ୍ତ ପହଞ୍ଚିବା







କାଠକାର ବାଟ ବୋଲି ଶ୍ରଦ୍ଧାଳୁ ମାନେ କହିଛନ୍ତି କ୍ଷ ମହୋତ୍ସବ ରେ ଦୁଇ ପଇସା ରୋଜଗାର ପାଇଁ ଛୋଟ ଛୋଟ ଟେମ୍ପରାରି ଦୋକାନୀ ମାନଙ୍କ ଠାରୁ ଦୁଇ ହଜାର ଟଙ୍କାରୁ ପଚିଶସହ ଟଙ୍କା ଲେଖାଏଁ ଦେବୋତ୍ତର ବିଭାଗ ଆଦାୟ କରୁଥିବା ବେଳେ ବିଜୁଳି ପାଇଁ ମଧ ତିନିଶହ ଟଙ୍କା ଆଦାୟ କରାଯାଉଛି ଯୋଉ ଲୋକ ଧାର୍ଯ୍ୟ କରାହୋଇଥିବା ଟଙ୍କା ନ ଦେଇପାରିଲା ତାକୁ ତଡି ଦିଆହେଉଛି ବୋଲି ଦୋକାନୀ ମାନେ ଚର୍ଚ୍ଚା କରୁଛନ୍ତି କ୍ଷ କିଛି ବୁଦ୍ଧିଜୀବୀ ଙ୍କ କହିବା ଅନୁଯାୟୀ ମହୋତ୍ସବ ପାଇଁ ଏତେ ଟଙ୍କା ଆଦାୟ କରାଯାଉଛି କିନ୍ତୁ ଲୋକମାନେ ନାହିଁନଥିବାର ସମ୍ମୁଖୀନ ହୋଇଛନ୍ତି କ୍ଷ ଏମିତିକି ହରିଶଙ୍କର ମନ୍ଦିର ପାହାଡ଼ ତଳେ ଚାରିପଟେ ଜଙ୍ଗଲ ମଝିରେ ଚିଡ଼ିଆ ଖାନା ତଥାପି ଦେବୋତ୍ତର ବିଭାଗ ଯେତେବେଳେ ହରିଶଙ୍କର ମହୋତ୍ସବ ପାଇଁ ବୈଠକ ଡାକିଲେ ହରିଶଙ୍କର ବନବିଭାଗ କୁ ଡାକି ତାଙ୍କର ପ୍ରତିକିୟା ନେବାକୁ ମଧ ଚାହିଁନଥିଲେ ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି କ୍ଷ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ହରିଶଙ୍କର ମହୋତ୍ସବ ରେ ଆଦାୟ ହୋଇଥିବା ବେଳେ ମହୋତ୍ସବ ପରେ ସଂଗଠନ ମାନେ ମହୋତ୍ସବ ର ଅଳିଆ ଆବର୍ଜନା ସଫା କରୁଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଅଛି କ୍ଷ ଏହି ଅବ୍ୟବସ୍ଥା ରା ସମାଧାନ କେବେ ହେବ ଦେଖିବାକୁ ବାକି ରହିଲା।

# ଓଡ଼ିଆ ଭାଷା ବିକାଶ ମଞ୍ଚର କାର୍ଲ ମାର୍କସ ଜୟନ୍ତୀ ଓ କାବ୍ୟ ସନ୍ଧ୍ୟା ଆୟୋଜିତ




ରାଉରକେଲା, (ପିପିଏସ): ଓଡ଼ିଆ ଭାଷା ବିକାଶ ମଞ୍ଚ ଆନୁକୁଲ୍ୟରେ କଲଚରାଲ ଏକାଡେମୀ ପରିସରରେ ପ୍ରଶାନ୍ତ କୁମାର ପତିଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ କାର୍ଲ ମାର୍କସଙ୍କର ଜୟନ୍ତୀ ଅବସରରେ ଏକ ସ୍ମୃତିଚାରଣ ସଭା ସହ ମାର୍କସଙ୍କ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ପ୍ରଗତିଶୀଳ କାବ୍ୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ରାଉରକେଲାର ହେତୁବାଦୀ ସମାଜତତ୍ତ୍ୱବିତ୍ ବିଶିଷ୍ଟ ଚିନ୍ତାନାୟକ କେଦାରନାଥ ପ୍ରଧାନ ମୁଖ୍ୟ ଆଲୋଚକ ଏବଂ ଗଗନ ବିହାରୀ ଧଳ, ଡକ୍ଟର ନଗେନ କୁମାର ଦାସ ସମ୍ମାନନୀୟ ବକ୍ତା ରୂପେ 'ସାଂପ୍ରତିକ ପ୍ରେକ୍ଷାପଟରେ ବୈଜ୍ଞାନିକ ସମାଜବାଦର ପ୍ରାସଙ୍ଗିକତା' ସମ୍ପର୍କରେ ମାର୍କସଙ୍କର ଅର୍ଥତତ୍ତ୍ୱ ଦର୍ଶନର ବୈଷୟିକ ପ୍ରଭାବକୁ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଥିଲେ। ସଭାପତି ଶ୍ରୀ ପତି ସ୍ୱାଗତ ଭାଷଣ ସହିତ ଏକ ସ୍ୱତନ୍ତ୍ର କାବ୍ୟ ନୈବେଦ୍ୟ ର ଶ୍ରଦ୍ଧାଞ୍ଜଳି ଭାଷା ବିକାଶ ମଞ୍ଚ ତରଫରୁ ମାର୍କସ ଙ୍କୁ ଅର୍ପଣ କରିଥିଲେ। ସାଧାରଣ ସମ୍ପାଦକ ମାର୍କସୀୟ ଦର୍ଶନର ଯୁଗାନ୍ତକାରୀ ପ୍ରଭାବ ସହିତ ତାଙ୍କ ସାମଗ୍ରିକ ଜୀବନର ସଂଘାତ ଓ ସଂଘର୍ଷ ସମ୍ପର୍କରେ ଏକ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରି ମାର୍କସଙ୍କ ଦୃଷ୍ଟିକୋଣ ଅତ୍ୟନ୍ତ ବୈଜ୍ଞାନିକ, ଯୁକ୍ତିଅବ୍ୟର୍ଥ ଏବଂ ଲକ୍ଷ୍ୟ ଉଦାର ମାନବତା ବୋଲି କହିଥିଲେ। ମୁଖ୍ୟ ଆଲୋଚକଙ୍କ ସମେତ ସମସ୍ତ ବରେଣ୍ୟ ବକ୍ତା ମୁକ୍ତ ଅର୍ଥନୀତିର ବିଶଦ ବ୍ୟାଖ୍ୟାନ ପୂର୍ବକ ଇତିହାସର ବିଚିତ୍ର ବିକାଶ, ଆର୍ଥନୀତିକ ସମ୍ପର୍କର ବୈଜ୍ଞାନିକ ବିଶ୍ଳେଷଣ, ଉତ୍ପାଦନ ପ୍ରଣାଳୀ ର କ୍ରମ ବିବର୍ତ୍ତନ ସମ୍ପର୍କରେ ଆଲୋଚନା ରଖି ପୁଞ୍ଜିବାଦୀ ସମାଜର ଅର୍ଥ ସମ୍ପର୍କ ର ବିବସ୍ତ୍ର ଦୃଶ୍ୟ କୁ ମାର୍କସ କିପରି 'ଦାସ କ୍ୟାପିଟାଲ' ରେ ବିଶ୍ଳେଷଣ କରିଛନ୍ତି, ତାହା ବକ୍ତବ୍ୟରେ ପ୍ରତିପାଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ଶ୍ରୀମନ୍ତ ବେହେରା, ବାସୁଦେବ ସାହୁ, ଗଙ୍ଗାଧର ପୁହାଣ, ପଞ୍ଚାନନ ସୁନା, ମହେଶ୍ୱର ଦୀପ, ଅବିନାଶ ସାହୁ, ବ୍ରଜବିହାରୀ ଦାସ, ନରେନ୍ଦ୍ର ଗୋପ୍, କାଶୀନାଥ ପାତ୍ର, ରାଜୀବ ପାଣି, ବନିତା ମହାନ୍ତି, ଅପର୍ଣ୍ଣା ରାଉତରାୟ, ସୁପ୍ତି କର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ଏବଂ ପରିଶେଷରେ ଚନ୍ଦ୍ରଶେଖର ପାଇକରାୟ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

ରାଇରଙ୍ଗପୁର (ହି.ସ): ମୟୂରଭଞ୍ଜ ଜିଲ୍ଲା ଜାମଦା ଥାନା ଅର୍ନ୍ତଗତ ଲକ୍ଷ୍ମୀପୋଷୀ ଗ୍ରାମର ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଲକ୍ଷ୍ମୀପୋଷୀ ଗ୍ରାମର କାଶିନାଥ ପୂର୍ତ୍ତିଙ୍କ ପୁଅ ଘାସିରାମ ପୂର୍ତ୍ତି (୨୫) ଗତକାଲି ସନ୍ଧ୍ୟାବେଳେ ହଠାତ୍ ଘରେ ଥିବା କିଟନାସକ ଔଷଧ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଜାମଦା ଥାନାରେ କେସ ନଂ ୫/୨୩ ଏକ ଅପମୃତ ମାମଲା ରୁଜୁ ହୋଇଛି । ତେବେ ସେ କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ତାହା ଜଣାପଡିନାହିଁ। ଏଏସଆଇ ଏ ମାଝୀ ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି।

# ଜିଲ୍ଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ



ପାରଳାଖେମୁଣ୍ଡି,(ପିପିଏସ୍): ଗଜପତି ଜିଲ୍ଲା ସଦର ମହକୁମା ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ପାରଳାଖେମୁଣ୍ଡି ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ରେଡ଼କ୍ରସ ଦିବସ ପାଳିତ ହୋଇଯାଇଛି। ଉକ୍ତ ଦିବସରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ଅଧକ୍ଷକତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଉପ-ଜିଲ୍ଲାପଳ ଆଲୋକ କୁମାର ପ୍ରଧାନ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ପ୍ରଭାସ କୁମାର ବେହୁରା ଉପସ୍ଥିତ ଥିବା ବେଳେ ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଡିଜେନ୍ଦ୍ରନାଥ ପାଢ଼ୀ ମଞ୍ଚାସନ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ସମସ୍ତ ସାମ୍ବାଦିକ ପ୍ରତିନିଧି ପ୍ରମୁଖ ଯୋଗଦେଇ ବିଶ୍ୱ ରେଡ କ୍ରସ୍ ଦିବସ ଉପରେ ଆଲୋଚନା କରିଥିଲେ। ପ୍ରତିବର୍ଷ ପରି ମେ ୮ ତାରିଖରେ ପାଳନ କରାଯାଉଥିବା ବିଶ୍ୱ ରେଡ କ୍ରସ୍ ଦିବସ ପାଳିତ ହେଉଛି। ଆଜି ଆମେ ସମସ୍ତେ ଏକତ୍ରିତ ଜେଆନ ହେନରୀ ଡୁନଷ୍ଟଙ୍କ ପାଇଁ ସେ କେତେଯେ ମହାନ, କଳ୍ପନା କରିହେବ ନାହିଁ। ମାନବିକତା ଜୀବନ ଉପରେ ଚିନ୍ତା କରୁଥିଲେ, ଲୋକଙ୍କ ସାହାଯ୍ୟ ଓ ସହଯୋଗ ସମଗ୍ର ବିଶ୍ୱରେ ସବୁ ପ୍ରକାର ଲୋକଙ୍କୁ ଜଡିତ ହୋଇ ରହୁ ଥିଲେ। ବିଶ୍ୱ ଶାନ୍ତି ପାଇଁ ରେଡକ୍ରସ କାମ କରି ଆସିଛି ବୋଲି ସମସ୍ତ ଅତିଥି ମାନେ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମିଞ୍ଜ ଯୋଗଦେଇ କହିଥିଲେ ଯେ ପୃଥିବୀର କୋଣ ଅଣୁକୋଣରେ ରେଡକ୍ରସ କାମ କରୁଛି ଏବଂ ଜଣେ ଜଣକୁ ପ୍ରତି ଆଦର ଓ ସାହାଯ୍ୟ କରିବାର ମନବୃତ୍ତି ରହିବା ଉଚିତ୍। ଅସୁବିଧା ଲୋକମାନଙ୍କୁ ଆମେ ସାହାଯ୍ୟ କରିବା ଉଚିତ୍, ସମସ୍ତେ ଏକତା ହୋଇ କାମ କଲେ ଆମେ ବହୁତ ଲୋକଙ୍କୁ ସାହାଯ୍ୟ କରିବା ସହ ବହୁତ ଜଣଙ୍କ ଜୀବନ ବଞ୍ଚେଇ ପାରିବା ବୋଲି କୋଇଥିଲେ। ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ନର୍ମଦା ନାୟକ ଓ ବି.ଆଲୟା ରେଡି, ସମସ୍ତ ଲାଇଫ ମେମ୍ବର ପ୍ରମୁଖ ଉପସ୍ଥିତ ଥିଲେ ଏବଂ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ପ୍ରଦୋଷ କୁମାର ଶତପଥୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଜୟନ୍ତୀଗଡ଼ ଉମେଶ ସୁପର ମାର୍କେଟରେ ନିଆଁ

# ଜଳିଗଲା ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଜିନିଷ

ଚମ୍ପୁଆ, (ହି.ସ.): ଓଡ଼ିଶାର ଶେଷ ସୀମାନ୍ତ ଚମ୍ପୁଆକୁ ଲାଗି ରହିଥିବା ଝାରଖଣ୍ଡ ରାଜ୍ୟର ସିଂହଭୂମି ଜିଲ୍ଲା ଅନ୍ତର୍ଗତ ଜୟନ୍ତୀଗଡ଼ ଠାରେ ଥିବା ଉମେଶ ସୁପର ମାର୍କେଟରେ ଗତ ରାତିରେ ନିଆଁ ଲାଗି ପ୍ରାୟ ୧ କୋଟିରୁ ଉର୍ଦ୍ଧ ଟଙ୍କାର ସମ୍ପତି ଜଳି ପୋଡି ନଷ୍ଟ ହୋଇଯାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଜୟନ୍ତୀଗଡ଼ ଭଙ୍ଗାପୋଲ ନିକଟରେ ଥିବା ଉମେଶ ସୁପର ମାର୍କେଟ ଗ୍ରୋସରୀ ଦୋକାନରେ ପ୍ରତିଦିନ ପରି ଗତକାଲି ରବିବାର ରାତି ପ୍ରାୟ ୮ଟା ସମୟରେ ଉମେଶ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଘରକୁ ଯିବାର କିଛି ସମୟ ପରେ ଦୋକାନ ଭିତରୁ ଧୂଆଁ ବାହାରୁଥିବାର ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ତୁରନ୍ତ ଦୋକାନକୁ ଯାଇଥିଲେ। ସେତେବେଳେ ସମୟ ରାତି ପ୍ରାୟ ୮ ଟା ୪୫ ମିନିଟ। ଉମେଶ ଦୋକାନରେ ପହଂଚିବା ବେଳକୁ ଧୁ ଧୁ ନିଆଁ ଚାରିଆଡେ ଜଳିବାକୁ ଲାଗିଥିଲା। ନିଆଁ ଜଳିବାର ଦେଖି ସେଠାରେ ବହୁସଂଖ୍ୟାରେ ଲୋକଙ୍କ ଭିଡ଼ ଜମିଥିଲା। ସମସ୍ତେ ନିଆଁକୁ ଲିଭେଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ନିଆଁ ଆୟତ ବାହାରକୁ ଚାଲି ଯାଇଥିବାର ଦେଖି ସଙ୍ଗେ ସଙ୍ଗେ ପ୍ରଥମେ ଚମ୍ପୁଆ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ, ହେଲେ ଜୟନ୍ତୀଗଡ଼ ଝାରଖଣ୍ଡ ରାଜ୍ୟରେ ଥିବାରୁ ଅନୁମତି ନେଇ ଚମ୍ପୁଆ ଅଗ୍ନିଶମ ବିଭାଗକୁ ଘଟଣାସ୍ଥଳରେ ପହଂଚିବାକୁ ପ୍ରାୟ ଏକ ଘଂଟା ସମୟ ଲାଗିଥିଲା। ଜଗନ୍ନାଥପୁର ଏସଡିଓ ଏବଂ ବିଡିଓଙ୍କୁ ମଧ ଖବର ଦେଇଥିଲେ। ଖବର ପାଇ ଜଗନ୍ନାଥପୁର ପ୍ରଶାସନ ପକ୍ଷରୁ ନିଆଁକୁ ଆୟତ କରିବା ପାଇଁ ନୂଆମୁଣ୍ଡି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ନୂଆମୁଣ୍ଡି ଅଗ୍ନିଶମ ବିଭାଗକୁ ଘଟଣାସ୍ଥଳରେ ପହଂଚିବାକୁ ପ୍ରାୟ ଦୁଇ ଘଂଟା ସମୟ ଲାଗିଥିଲା। ନିଆଁ ଏତେ ଭୟଙ୍କର ଥିଲାଯେ ଦୁଇ ରାଜ୍ୟର ଅଗ୍ନିଶମ ବିଭାଗ ଚମ୍ପୁଆ ଅଗ୍ନିଶମ ଏବଂ ନୂଆମୁଣ୍ଡି ଅଗ୍ନିଶମ ବିଭାଗର ମିଳିତ ଭାବରେ ଦୀର୍ଘ ଘଂଟା ସମୟ ଧରି ବହୁ ପ୍ରଚେଷ୍ଟା ପରେ ନିଆଁକୁ ବିଳମ୍ବିତ ରାତିରେ ଆୟତ କରିଥିଲେ। ଏହି ଦୋକାନ ଗୃହରେ ଥିବା ତଳ ଓ ଉପର ଉଭୟ ମହଲାରେ ନିଆଁ ଲାଗିବା ଦ୍ୱାରା ପ୍ରାୟ ଏକ କୋଟିରୁ ଉର୍ଦ୍ଧ ଟଙ୍କାର ଜିନିଷ ପତ୍ର ଜଳି ପୋଡି ନଷ୍ଟ ହୋଇଯାଇଥିବା କୁହାଯାଉଥିବା ବେଳେ ଏହି ଦୋକାନକୁ ଲାଗି ରହିଥିବା ହିରୋ ଓ ଟିଭିଏସ ସୋରୁମ ସହିତ ଟାୟାର ଦୋକାନ ଅଳ୍ପକେ ବର୍ତି ଯାଇଛି। ନିଆଁ ଲାଗିବାର କୌଣସି କାରଣ ଜଣାପଡ଼ିନାହିଁ ତେବେ ସର୍ଟସର୍କିଟ ଯୋଗୁଁ ନିଆଁ ଲାଗି ଥାଇ ପାରେ ବୋଲି ଅନୁମାନ କରାଯାଉଛି। ଏହି ନିଆଁ ଲାଗିବା ସମ୍ପର୍କରେ ଖବର ପାଇ ଜଗନ୍ନାଥପୁର ଏସଡିଓ ଶଙ୍କର ଏକ୍କା, ସିଓ ଲଳିତ ଭଗତ, ଇନ୍ସପେକ୍ଟର ବୀରେନ୍ଦ୍ର କୁମାର, ସବ ଇନ୍ସପେକ୍ଟର ପ୍ରଭାତ ରଞ୍ଜନଙ୍କ ସହିତ ଜଗନ୍ନାଥପୁର ପୋଲିସ ସଦଳବଳେ ଘଟଣାସ୍ଥଳରେ ପହଂଚି ଉପସ୍ଥିତ ଥିବାର ଦେଖିବାକୁ ମିଳିଛି।

# ନାରଙ୍ଗପୁର ସୁନା ଚେନ୍ ଲୁଟ୍ ଘଟଣା, ୨ ଗିରଫ



ଆନନ୍ଦପୁର (ହି.ସ): ଘସିପୁରା ଥାନା ନାରଙ୍ଗପୁର ଛକରେ ଜଣେ ମହିଳାଙ୍କଠାରୁ ସୁନାଚେନ୍ ଓ ଟଙ୍କା ଲୁଟ୍ ମାମଲାରେ ପୁଲିସ୍ ଆଉ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯାଜପୁରରୋଡ଼ ଥାନା ଦାନଗଦି କାନ୍ତିପୁର ଗ୍ରାମର କାହ୍ନୁଚରଣ ଜେନା(୩୧), ରାମଚନ୍ଦ୍ରପୁର ଥାନା କୋଲିପାଳ ଗ୍ରାମର ଦୀପକ ଜେନା(୩୦)। ଗତକାଲି ରାତିରେ ପୁଲିସ୍ ସେମାନଙ୍କୁ ଗିରଫ କରିଥିବାବେଳେ ଆଜି କୋର୍ଟଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ବିକ୍ରମ କୁମାର ଭୂୟାଁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ୨୦୨୨ ମେ ୨୩ତାରିଖରେ ଖାଲପାଳ ଗ୍ରାମର ମୁନା ମହାନ୍ତିଙ୍କ ପତ୍ନୀ ଦମୟନ୍ତୀ ଏକ ସ୍କୁଟିରେ ବ୍ରାହ୍ମଣୀପାଳ ଆଡ଼କୁ ଯାଉଥିବାବେଳେ ଦୁଇଟି ବାଇକରେ ପାଞ୍ଚଜଣ ଦୁର୍ବୃତ୍ତ ପିଛାକରି ତାଙ୍କଠାରୁ ଚାରିଭରି ଓଜନର ସୁନାଚେନ୍ ଓ ୨୦ ହଜାର ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ପୂର୍ବରୁ ଯାଜପୁରରୋଡ଼ ଥାନା ମାନଗୋବିନ୍ଦପୁର ଗ୍ରାମର ନିଲୁଆ ପାତ୍ର(୩୧), କଳିଙ୍ଗନଗର ଥାନା ରଗଡା ଗ୍ରାମର ବଦ୍ରି ନାରାୟଣ ପାତ୍ର(୨୭) ଗିରଫ ହୋଇଥିଲେ। ସେମାନଙ୍କ ନିକଟରୁ ଦୁଇଟି ବାଇକ୍ ଓ ଚୋରି ସୁନାଚେନ୍ ଉଦ୍ଧାର କରାଯାଇଥିଲା।

# ଇଲେକ୍ଟ୍ରିକ୍ ସକ୍‌ରେ ସିଆରପିଏଫ୍ ଜବାନଙ୍କ ମୃତ୍ୟୁ

କନ୍ଧମାଳ, (ହି.ସ): କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକ୍ ଅନ୍ତର୍ଗତ ଭଣ୍ଡରଙ୍ଗି ସିଆରପିଏଫ୍ କ୍ୟାମ୍ପରେ ଅଘଟଣ । ଇଲେକ୍ଟ୍ରିକ୍ ସକ୍‌ରେ ଯବାନଙ୍କ ମୃତ୍ୟୁ ଘଟିଥିବା ପ୍ରାଥମିକ ସୂଚନା ମିଳିଛି । ମୃତକ ଯାଜପୁର ଜିଲ୍ଲାର ବାଲିଚାନ୍ଦପୁର ଥାନା ବଡ଼ ବାଲିକୁଦା ଅଂଚଳର ତୁଷାରକାନ୍ତି ଦାସ ହୋଇଥିବା ସୂଚନା ମିଳିଛି । ସୂଚନା ପ୍ରକାରେ ମାଓପ୍ରବଣ ଅଂଚଳ ତୁମୁଡ଼ିବନ୍ଧ ବ୍ଲକ୍ ଅନ୍ତର୍ଗତ ଭଣ୍ଡରଙ୍ଗି ଗ୍ରାମରେ କିଛି ମାସ ପୂର୍ବରୁ ସିଆରପିଏଫ୍ ପକ୍ଷରୁ ଏକ ନୂତନ କ୍ୟାମ୍ପ ସ୍ଥାପନ କରାଯାଇଛି । ସେଠାରେ ତୁଷାରକାନ୍ତି ମୁତୟନ ଥିବା ବେଳେ କୌଣସି ଇଲେକ୍ଟ୍ରି କାମ କରୁଥିବା ବେଳେ ଅସାବଧାନତା କାରଣରୁ ଇଲେକ୍ଟ୍ରିକ୍ ସକ୍‌ରେ ଗୁରୁତର ହୋଇପଡ଼ିଥିଲେ। ଘଟଣା ସମ୍ପର୍କରେ ଖବରପାଇ ଉପରିସ୍ଥ ଅଧିକାରୀ ଓ ସହକାରୀ ତୁଷାରକାନ୍ତିଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଡ଼ାକ୍ତରଖାନାରେ ଡାକ୍ତର ତୁଷାରକାନ୍ତିଙ୍କୁ ମୃତ ଘୋଷଣା କରିଥିବା ସିଆରପିଏଫ୍ ପକ୍ଷରୁ ସୂଚନା ମିଳିଛି । ଶବ ବ୍ୟବଚ୍ଛେଦ ପରେ କମାଣ୍ଡାଂଟଙ୍କ ଆନନ୍ଦ ଝା ସମେତ ବାଲିଗୁଡ଼ା ଥାନା ଅଧିକାରୀ ବାବାଶଙ୍କର ସରାଫ୍ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ମର ଶରୀରକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରିବା ପରେ ମୃତ ଜବାନଙ୍କ ମର ଶରୀରକୁ ତାଙ୍କ ଗାଁକୁ ପଠାଇଥିବା ଜଣାପଡ଼ିଛି ।

# ମହୁମାଛି ଆକ୍ରମଣରେ ୩ ଆହତ

ଦୈତାରି (ହି.ସ): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରି ସେକ୍ଟର ୩ ଆଖଣ୍ଡଳମଣି ମନ୍ଦିରରେ ରୋଷେଇ ଚାଲିଥିବା ବେଳେ ଚୁଲିର ଧୂଆଁ ଉଠି ନିକଟରେ ଥିବା ମହୁଫେଣାରେ ବାଜିବାରୁ ମହୁମାଛି ଉତକ୍ଷିପ୍ତ ହୋଇପଡ଼ିଥିଲେ। ମହୁମାଛି ରୋଷେୟା ମଣିପ୍ରସାଦ କରଙ୍କୁ ଆକ୍ରମଣ କରିବା ସହିତ ପାଖରେ ଉପସ୍ଥିତ ଥିବା ଅନ୍ୟ ୩ ଜଣଙ୍କୁ ଗୋଡ଼େଇଗୋଡ଼େଇ ଆକ୍ରମଣ କରିଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଦୈତାରୀ ପ୍ରକଳ୍ପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ମଣିପ୍ରସାଦଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି।

# ବାପାର ଗୋଇଠା ମାଡ଼ରେ ଗର୍ଭବତୀ ଝିଅ ଗୁରୁତର

ପାଟଣା (ହି.ସ): ପାଟଣା ଥାନା କୋଠାଘର ଗ୍ରାମର ରବି ମହାନ୍ତ ନିଜ ଗର୍ଭବତୀ ଝିଅକୁ ଗୋଇଠା ମାରିବାରୁ ସେ ଗୁରୁତର ହୋଇଛନ୍ତି। ଏନେଇ ଗର୍ଭବତୀଙ୍କ ଶ୍ୱଶୁର କୁମୁଳାବାହାଳି ଗ୍ରାମର ରାମଚନ୍ଦ୍ର ମହାନ୍ତ ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ରବିଙ୍କ ଝିଅ ଓ ରାମଙ୍କ ପୁଅ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ଏହି ସମ୍ପର୍କକୁ ପାରିବାରିକ ସ୍ୱୀକୃତି ନ ମିଳିବାରୁ ଉଭୟେ ମନ୍ଦିରରେ ବିବାହ କରିଥିଲେ। କିଛିଦିନ ହେବ ଉଭୟ କୁମୁଳାବାହାଳିସ୍ଥିତ ଘରେ ରହୁଥିଲେ। ଗତକାଲି ରାମଚନ୍ଦ୍ରଙ୍କ ଘରେ ଏକ ଭୋଜିର ଆୟୋଜନ କରାଯାଇଥିଲା। ଝିଅର ବାପା ଓ ପରିବାର ସେଠାରେ ପହଞ୍ଚି ଗଣ୍ଡଗୋଳ କରିଥିଲେ। ଗର୍ଭବତୀ ବୋହୂଙ୍କୁ ତାଙ୍କ ବାପା ଗୋଇଠା ମାରିଥିବା ରାମଚନ୍ଦ୍ର ଅଭିଯୋଗ କରିଛନ୍ତି। ଆକ୍ରମଣରେ ତାଙ୍କ ବୋହୂ ଚେତାଶୂନ୍ୟ ହୋଇପଡିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ ପାଟଣା ଥାନାରେ କେସ୍ ନମ୍ବର ୭୭/୨୩ରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି।

# ସୌଦାମିନୀ ହତ୍ୟା ଘଟଣା ନେଇ ଆସନ୍ତା ୧୭ରେ ବନ୍ଦ ପାଳନ ନିଷ୍ପତ୍ତି




ପାରଳାଖେମୁଣ୍ଡି, (ପିପିଏସ୍): ନବୋଦୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସୌଦାମିନୀର ହତ୍ୟା ଘଟଣା ପ୍ରତିବାଦରେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଚାଲୁ ରହିଥିବା ରିଲେ ଅନଶନ ଆଜି ୧୫ ଦିନରେ ପହଞ୍ଚିଲା। ଗଜପତି ପ୍ରଶାସନ ଓ ପୋଲିସ ସମ୍ପୃକ୍ତ ଘଟଣା ନେଇ କୌଣସି ପଦକ୍ଷେପ ଗ୍ରହଣ ନ କରିବା ପ୍ରତିବାଦରେ ଆଗାମୀ ୧୭ ତାରିଖ ଦିନ ପାରଳାଖେମୁଣ୍ଡିଠାରେ ବନ୍ଦ ପାଳନ କରାଯିବ ସ୍ଥିର ହୋଇଥିବା ସୂଚନା ମିଳିଛି। ପାରଳାଖେମୁଣ୍ଡି ନବଦୋୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସୌଦାମିନୀକୁ ହତ୍ୟା କରି ସୁପରୀକଳ୍ପିତ ଭାବେ ଫାଶୀ ହୋଇ ଆତ୍ମହତ୍ୟା କରିଥିବା ଗତ ଫେବ୍ରୁଆରି ୧୯ ତାରିଖରେ ଦର୍ଶା ଯାଇଥିଲା. ଯାହାକୁ ପରିବାରବର୍ଗ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ଦର୍ଶାଇ ପାରଳା ଥାନାରେ ଲିଖିତ ଅଭିଯୋଗ କରି ଏଥିରେ ସଂପୃକ୍ତ ଦୋଷୀଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ରଖିଥିଲେ। ଦୀର୍ଘ ଦିନ ପରେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପ୍ରତିବାଦରେ ସୌଦାମିନୀଙ୍କ ମାତା ସୁଜ୍ଞାନୀ ଗମାଙ୍ଗ କିଛି ପରିବାର ବର୍ଗ ଏବଂ ପାରଳାଖେମୁଣ୍ଡିର ସିପିଆଇଏମ ଦଳର ସହଯୋଗରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ରିଲେ ଅନଶନ ଗତ ୨୫ ତାରିଖ ଦିନ ଆରମ୍ଭ କରିଥିଲେ। ଏହି ରିଲେ ଅନଶନ ଆଜି ୧୫ ଦିନରେ ପହଂଚିଛି। ହେଲେ ପ୍ରଶାସନ କୌଣସି ଭାବେ ଘଟଣାକୁ ନେଇ କର୍ଣ୍ଣପାତ ନ କରି ଚୁପ ହୋଇ ବସି ରହିଛନ୍ତି ବୋଲି ରିଲେ ଅନଶନରେ ଧାରଣାରତ ସୁଜ୍ଞାନୀ ଗମାଙ୍ଗ, ଦଣ୍ଡପାଣି ରଇତ, ଡି. ଭେଙ୍କେଟ ରାଓ, ଭି. ଜେମ୍ସ, ମୋହିତ ମିଶାଲ, ଏମୁ ବାଙ୍ଗାରି, ଗୋକୁଳ ଦଳ ବେହେରା, ସୁନାମ ମଣ୍ଡଳ, କେ ବାଲକ୍ରିଷ୍ଣା ପ୍ରମୁଖ ଅଭିଯୋଗ କରି ପ୍ରବଳ ଅସନ୍ତୋଷ ବ୍ୟକ୍ତ କରି ଗଜପତି ପ୍ରଶାସନ ଓ ପୋଲିସକୁ କଟୁ ସମାଲୋଚନା କରିଛନ୍ତି. ଏମାନେ ଦାବି କରିଛନ୍ତିଯେ ଗଜପତି ପ୍ରଶାସନ ଓ ପୋଲିସ ସୌଦାମିନୀ ହତ୍ୟା ଘଟଣାରେ ସଂପୃକ୍ତ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ରିଲେ ଅନଶନ ଆନ୍ଦୋଳନକୁ ଆମରଣ ଅନଶନ ଆନ୍ଦୋଳନରେ ପରିଣତ କରାଯାଇ ଜିଲ୍ଲା ବ୍ୟାପୀ ଏହି ଆନ୍ଦୋଳନକୁ ତୀବ୍ରତର କରାଯିବ. ଏଥିସହ ଆଗାମୀ ୧୭ ତାରିଖ ଦିନ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ସୌଦାମିନୀର ହତ୍ୟା ଘଟଣାରେ ସମ୍ପୃକ୍ତ ଦୋଷୀ ମାନଙ୍କୁ ତୁରନ୍ତ ଗିରଫ ଦାବି ଓ ପରିବାରବର୍ଗଙ୍କୁ ଆବଶକୀୟ କ୍ଷତି ପୂରଣ ଦାବିରେ ପାରଳାଖେମୁଣ୍ଡି ସହର ଅଞ୍ଚଳରେ ବନ୍ଦ ପାଳନ କରାଯିବ।

# ଦେଖିକି ଚାଲ, ଯୁଆଡେ ଯିବ ଖାଲ

## ବହୁ ସମସ୍ୟାରେ ଲାଞ୍ଜିପଲ୍ଲୀ ଅଞ୍ଚଳ







**ବ୍ରହ୍ମପୁର,(ପିପିଏସ୍):** ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଶୁଭ ଦିଆଯାଉଛି । ବହୁ ସ୍ଥାନରେ ଏବେ ଦେଖିବାକୁ ମିଳୁଛି ପେବର ବ୍ଲକ ରାସ୍ତା କିନ୍ତୁ ଲାଞ୍ଜିପଲ୍ଲୀ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ବହୁ ପଛରେ ଯୁଆଡେ ଦେଖିବ ଖାଲ ହିଁ ଖାଲ, ଯାନ ବାହାନ ଯିବା ଦୂରର କଥା ଚାଲି ଯିବା ଭି କଷ୍ଟ କର ହୋଇପଡିଲାଣି । ଏପଟେ ନାଳର ସମସ୍ୟା ଲୋକଙ୍କୁ କନ୍ଦାଇଲାଣି । ଯାତ୍ରା ଆରମ୍ଭ । ଚଳିତ ବର୍ଷ ପାଇଁ ମଧ ସମସ୍ତ ରୀତିନୀତି ଅନୁଯାୟୀ ଯାତ୍ରା କାର୍ଯ୍ୟ ଆରମ୍ଭ ହୋଇଛି । ଚଳିତ ବର୍ଷ ମେ ମାସ ୦୮ ତାରିଖ ଠାରୁ ଯାତ୍ରା ଆରମ୍ଭ ହୋଇ ମେ ୨୭ ପର୍ଯ୍ୟନ୍ତ ଦୀର୍ଘ ୨୧ ଦିନ ମହା ଆଡ଼ମ୍ବରରେ ଆୟୋଜିତ ହେବ। ମା ଙ୍କ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ ହେବା ପରଠାରୁ ମା ତାରା ଦେବୀଙ୍କ ଅସ୍ଥାୟୀ ମଣ୍ଡପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ ,ଏହି ଅଞ୍ଚଳର ସମସ୍ତ ସାହି ବାସିନ୍ଦା ମନରେ ପୁରା ଆନନ୍ଦ ଉଲ୍ଲାସ ଦେଖିବାକୁ ମିଳୁଛି ଯୁବପିଢୀ ମଧ ସୋସିଆଲ ମିଡିଆରେ ଯାତ୍ରାର ପ୍ରଚାର ପ୍ରସାର କ୍ଷେତ୍ରରେ ସମସ୍ତେ କାର୍ଯ୍ୟ କରୁଛନ୍ତି। ମା ତାରା ଦେବୀଙ୍କ ଦ୍ୱିବାର୍ଷିକ ଯାତ୍ରା ନିମନ୍ତେ ବ୍ରହ୍ମପୁର ତଥା ବ୍ରହ୍ମପୁର ବାହାରର ବହୁ ଭକ୍ତ ଏଠାକୁ ଆସିଥାନ୍ତି ଏବଂ ମାଙ୍କୁ ଦର୍ଶନ କରି ଆଶ୍ରିବାଦ ଗ୍ରହଣ କରନ୍ତି । ଏହି ଯାତ୍ରାରେ ମଧ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ରହିଛି ଯେହେତୁ ପୂର୍ବ ବର୍ଷ କୋରନା ମହାମାରୀ ସର ବିଶ୍ୱରେ କାୟା ବିସ୍ତାର କରିଥିବା ବେଳେ ସବୁ ଆଡ଼େ ଏହାରି ପ୍ରଭାବ ପଡ଼ିଥିଲା, ସଂକ୍ରମଣ କୁ ଦୃଷ୍ଟିରେ ରଖି ଯାତ୍ରା ଅନୁଷ୍ଠିତ ହୋଇପାରିନଥିଲା ଯଥା ଅଭ୍ୟନ୍ତରୀଣ ରୀତିନୀତି ଅନୁସାରେ ହୋଇଥିଲା। ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ପାଣିପାଗରେ ଅପରାହ୍ନ ସମୟରେ କିଛି ପରିବର୍ତ୍ତନ ହୋଇ କାଳବୈଶାଖୀ ବର୍ଷା ସମ୍ଭାବନା ରହିଥାଏ । ସାମାନ୍ୟ ବର୍ଷା ହେଲେ ଖାଲ ଖମା ରାସ୍ତା ସବୁ ପାଣି ଜମି ରହିଯାଏ। ଏପରି ହେବା ଫଳରେ ଯାତ୍ରା ସମୟରେ ଅଞ୍ଚଳ ବାସୀଙ୍କ ଗମନାଗମନ ରେ ବହୁ ଅସୁବିଧାର ସମ୍ମୁଖୀନ ହେବେ । ତେଣୁ ବିଏମ୍‌ସି ପକ୍ଷରୁ ତୁରନ୍ତ ଉକ୍ତ ଅସୁବିଧା ହେବା ପୂର୍ବରୁ କିଛି ଉଚିତ ପଦକ୍ଷେପ ନେଇ ସମାଧାନ ହୋଇପାରିବ ।ଅନ୍ୟ ଏକ ସମସ୍ୟା ଭିତରେ ବାରମ୍ବାର ଆଘୋଷିତ ବିଦ୍ୟୁତ୍ କାଟ ଏକ ନୀତିଦିନିଆ ସମସ୍ୟା ହୋଇଗଲାଣି । ତେଣୁ ଯାତ୍ରା ଆରମ୍ଭ ହେବ ପୂର୍ବରୁ କିପରି ଏହାରି ସମାଧାନ ହୋଇପାରିବ ତାହା ବିଦ୍ୟୁତ୍ ବିଭାଗ ଉଚ୍ଚ ପଦସ୍ଥ ଅଧିକାରୀ ଧ୍ୟାନ ଦେବା ଆବଶ୍ୟକ ରହିଛି ।ଲାଞ୍ଜିପଲ୍ଲୀ ଜାତୀୟ ରାଜପଥ ବାଇପାସ୍ ଦେଇ ଯାତ୍ରୀ ମାନେ ରେଲୱେ ଷ୍ଟେସନକୁ ଯିବା ଆସିବା କରିଥାନ୍ତି ଏବଂ ଆଖପାଖ ଅଞ୍ଚଳ ଲୋକେ ଯାତାୟାତ କରିଥାନ୍ତି। ଏହି ସମୟରେ ଲୋକେ ସୁରକ୍ଷିତ ମନେ କରୁନାହାଁନ୍ତି କାରଣ ଏହି ଅଞ୍ଚଳରେ ଚାଲିଛି ବହୁ ପରିମାଣରେ ବେଆଇନ ମଦ ବ୍ୟବସାୟ । ଯାହା ଫଳରେ ଏହି ଅଞ୍ଚଳରେ ଦିନକୁ ଦିନ ଅସାମାଜିକ ବ୍ୟକ୍ତିଙ୍କ ଆଡାସ୍ଥଳୀ ପାଲଟି ଯାଇଛି। ଏପରିକି ମଦ କାରବାର ବିସ୍ତାର ଉପରେ ପୁଲିସ୍ ନଜର ନରଖେ ତାହାଲେ। ଅସାମାଜିକ ବ୍ୟକ୍ତିମାନେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବେ।ତେଣୁ ଯଥା ସମ୍ଭବ ଚୋରା ମଦ କାରବାର କରି ଫାଇଦା ଉଠାଇ ବ୍ୟକ୍ତିଙ୍କୁ ଗିରଫ କରି ମଦ ବିକ୍ରି ଉପରେ ଅଙ୍କୁଶ ଲଗାଇବା ଜରୁରୀ ଅଟେ।ଆଗକୁ ଯାତ୍ରା ଆସୁଥିବା ଯୋଗୁଁ ଏହି ସବୁ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଦୃଷ୍ଟ ଦେବାକୁ ସାଧାରଣରେ ଦାବୀ ହେଉଛି ।













ଲାଞ୍ଜିପଲ୍ଲୀର ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଲାଞ୍ଜିପଲ୍ଲୀ ଅଞ୍ଚଳ ବାସୀ। ମହାନଗର ନିଗମ ବିଭିନ୍ନ ବିକାଶମୂଳକ ଯୋଜନା ଖାଲି କାଗଜ କଲମରେ ରହିଯିବା ସହ ମନ୍ଥର ଗତରି ଚାଲିଛି ଉନ୍ନୟନ ମୂଳକ କାର୍ଯ୍ୟ।ଏପରି ଘଟଣା ଦେଖିବାକୁ ମିଳିଛି ବ୍ରହ୍ମପୁର ମହାନଗର ନିଗମର ଲାଞ୍ଜିପଲ୍ଲୀ ଅଞ୍ଚଳ ମଧ୍ୟରେ ଥିବା ତିନୋଟି ୱାର୍ଡ। ଏହି ଅଞ୍ଚଳଟି ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅଧୀନରେ ରହିଥିବା ବେଳେ ବିଧାୟକଙ୍କ ମଧ ସେପରି କୌଣସି ବିକାଶ ପ୍ରାଧିକରଣ କାର୍ଯ୍ୟକୁ ନେଇ କୌଣସିରେ ମଧ ହସ୍ତକ୍ଷେପ କରୁନଥିବା ଅଞ୍ଚଳ ବାସୀଙ୍କ ମଧରେ ବହୁବାର ଚର୍ଚ୍ଚା ହେଉଛି। ବର୍ତ୍ତମାନ ଗ୍ରୀଷ୍ମଋତୁ ଚାଲିଥିବା ବେଳେ ଅନେକ ସ୍ଥାନରେ ପାନୀୟ ଜଳର ଉତ୍କଟ ସମସ୍ୟା ରହିଥିବା ସହ ବିଭିନ୍ନ ସାହି ଓ ମୁଖ୍ୟ ରାସ୍ତା ଖାଲ ଖଣା ଓ ଦୁଇ ପାଶ୍ୱର୍ରେ ଅଧାପନ୍ତରିଆ ଡ୍ରେନ ଯୋଗୁଁ ଲୋକେ ଯାତାୟାତ କରିବା ସମୟରେ ଅସୁରକ୍ଷିତ ମନେ କରୁଛନ୍ତି। ବ୍ରହ୍ମପୁର ବୁଢ଼ୀ ଠାକୁରାଣୀ ଯାତ୍ରା ଭଳି ପ୍ରତି ଦୁଇ ବର୍ଷକୁ ଥରେ ଲାଞ୍ଜିପଲ୍ଲୀ ଠାରେ ମାଆ ତାରାଦେବୀଙ୍କ ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହୋଇଥାଏ କ୍ଷ ବ୍ରହ୍ମପୁର ଠାକୁରାଣୀ ଯାତ୍ରା ସରିବା ପରେ ପରେ ଏ ହି



# ଖତ ଖାଉଛି ଲକ୍ଷାଧିକ ଟଙ୍କାର ଭେଣ୍ଡିଙ୍ଗ୍ ଜୋନ

**କଣ୍ଟାବାଞ୍ଜି, (ପିପିଏସ୍):** ସ୍ଥାନୀୟ ସହରରେ ସରକାରୀ ଜମିକୁ କେତେକ ପ୍ରଭାବଶାଳୀ ବ୍ୟକ୍ତିମାନେ ଦୀର୍ଘ ବର୍ଷରୁ ମାଡିବସି ନିଜ ଅକ୍ତିଆରରେ କରିନେଇଥିଲେ। ହେଲେ ଏନ୍‌ଏସି ପକ୍ଷରୁ ସରକାରୀ ଜମିରୁ ସେମାନଙ୍କୁ ଉଠାଇ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଜବରଦଖଲ ଉଚ୍ଛେଦ ପରେ ସେହି ସ୍ଥାନ ମାନଙ୍କରେ ଏନଏସି ପ୍ଲାନ ଏପ୍ରୁଭ କରି କେଉଁଠି ଭେଣ୍ଡିଙ୍ଗ ଜୋନ ତ ଆଉ କେଉଁଠି ଦୋକାନ ଗୃହ ତିଆରି କରଛି, ହେଲେ ଏସବୁ ଏବେ କୋଣସି କାମରେ ଆସୁନଥିବା ବେଳେ ଅଳିଆ ଆବର୍ଜନା ରେ ଭର୍ତ୍ତି, ଗାଡି ମଟର ପାର୍କିଂ କରିବା ସାଙ୍ଗକୁ ମଦୁଆ ଜୁଆଡ଼ି ଙ୍କ ଆଡାସ୍ଥଳି ପାଲଟିଛି, ଏନ ଏସି ପକ୍ଷରୁ ଏହି ସବୁ ସ୍ଥାନରେ ନିର୍ବାଚନ ହେବା ପୂର୍ବରୁ ଏବଂ କାଉନସିଲ ଗଠନ ହେବା ଆଗରୁ ତରବରିଆ ଭାବରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ନିର୍ମାଣ କରା ଯାଇଛି,ସହରର ଗୁଡିଘାଟ ରାସ୍ତା ର ନୂଆପଡା, ବଙ୍ଗୋମୁଣ୍ଡା ମୁଖ୍ୟ ରାସ୍ତା କଡ଼ରେ ଏହି ଭେଣ୍ଡିଙ୍ଗ ଜୋନ ରହିଥିବାବେଳେ କାଦୋପଡା ଭିତରେ ଦୋକାନ ଗୃହ ତିଆରି କରାଯାଛି,ହେଲେ ଏହା ତିଆରି ହେବା ଦିନ ଠାରୁ ଏନ ଏସି ପକ୍ଷରୁ କୋଣସି ଠୋସ ପଦକ୍ଷେପ ନେଇ ନାହିଁ,ଛୋଟ ଛୋଟ ପନିପରିବା, ମାଛ, ମାଂସ ଏବଂ ଅନ୍ୟାନ ବ୍ୟବସାୟୀ ଙ୍କ ସୁବିଧା ପାଇଁ ଏହି ଭେଣ୍ଡିଙ୍ଗ ଜୋନ ମାନ ତିଆରି ହୋଇଥିବେଳେ ଏହି ବ୍ୟବସାୟୀ ମାନେ ଏହି ଭେଣ୍ଡଙ୍ଗ ଜୋନ ଭିତରେ ବସି ବ୍ୟବସାୟ କରିବକୁ ମଙ୍ଗୁ ନାହାନ୍ତି, କାରଣ ଯେଉଁ ସ୍ଥାନ ମାନଙ୍କରେ ଏହି ଭେଣ୍ଡିଙ୍ଗ ଜୋନ ମାନ ତିଆରି ହୋଇଛି ସେହି ସ୍ଥାନକୁ ଗ୍ରାହକ ମାନେ ନଆସିବାରୁ ବେପାର ହେଉନାହିଁ, ତେଣୁକରି ବ୍ୟବସାୟୀ ମାନେ ଅନ୍ୟ କୋଣସି ପନ୍ଥା ନପାଇ ମୁଖ୍ୟ ସଡ଼କ ଉପରେ ବସି ବ୍ୟବସାୟ କରୁଛନ୍ତି, ଫଳରେ ସଡ଼କ ଦୁର୍ଘଟଣା ହେବା ସାଙ୍ଗକୁ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟା ଲାଗିରହୁଛି, ଏତେ ଏତେ ଟଙ୍କା ଖର୍ଚ୍ଚ କରି ଯେଉଁ ଏନ ଏସି ଏହି ଭେଣ୍ଡଙ୍ଗ ଜୋନ ମାନ ତିଆରି କରିଛି ତାର କୋଣସି ବ୍ୟବସ୍ଥା କରୁନାହିଁ କି ଦୃଷ୍ଟି ମଧ ଦେଉ ନଥିବାବେଳେ ଏହାକୁ ତରବରିଆ ଭାବରେ ତିଆରି କରି ଦେଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରି ଥିବା ନେଇ ଜନସାଧାରଣ ଙ୍କ ମନରେ ପ୍ରଶ୍ନ।

**ଅଳିଆ ଆବର୍ଜନା ଭର୍ତ୍ତି**

**ଆସୁନାହାଁନ୍ତି ଗ୍ରାହକ**



# ରାଉରକେଲା ଇସ୍ପାତ କାରଖାନାରେ ପ୍ରଭାବଶାଳୀ କଣ୍ଟ୍ରାକ୍ଟ ପ୍ରବନ୍ଧନ ପାଇଁ ସମର୍ଥ କର୍ମଶାଳା



ରାଉରକେଲା(ପିପିଏସ୍): ସେଲ ରାଉରକେଲା ଇସ୍ପାତ କାରଖାନାରେ ସଂସ୍ଥାଗତ ପ୍ରସଙ୍ଗ ଏବଂ କଣ୍ଟ୍ରାକ୍ଟ ପ୍ରବନ୍ଧନରେ ପ୍ରଭାବଶାଳୀ ନିଷ୍ପତ୍ତି ଗ୍ରହଣ ସୁଗମ କରିବା ପାଇଁ ମଇ ୫ ତାରିଖରେ ଏଚଆରଡ଼ି କେନ୍ଦ୍ରଠାରେ ଅଧିକାରୀଙ୍କ ପାଇଁ ଏକ ଦିନିକିଆ କର୍ମଶାଳା ଆୟୋଜିତ ହୋଇଥିଲା। ଏହାର ଉଦ୍‌ଯାପନୀ ଅଧିବେଶନରେ ଆରଏମଏଚପି ବିଭାଗର ସିଜିଏମ ଶ୍ରୀ ଏସ ଏସ ରାୟଚୌଧୁରୀ ଅଧକ୍ଷତା କରିଥିଲେ। ଏହି ଅବସରରେ ଏଚଆରଡ଼ି ବିଭାଗର ସିଜିଏମ, ସୁଶ୍ରୀ ରାଜଶ୍ରୀ ବାନାର୍ଜୀ ଓ କଣ୍ଟ୍ରାକ୍ଟ ସେଲ ୱାର୍କ୍ସ ବିଭାଗର ଜିଏମ ଇନଚାର୍ଜ ଦେବଦତ୍ତ ଶତପଥୀ ମଧ୍ୟ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ବିଭାଗର ୫୭ ଜଣ ଅଧିକାରୀ ଯୋଗ ଦେଇଥିଲେ। ଉକ୍ତ କର୍ମଶାଳାରେ ଅଂଶଗ୍ରହଣକାରୀମାନଙ୍କୁ ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ ବିଷୟାବଳୀ ଯଥା କଣ୍ଟ୍ରାକ୍ଟ ସେଲ ଆକାଂକ୍ଷା ଓ ସାଧାରଣ ଅସୁବିଧା, ଠିକା ଶ୍ରମିକଙ୍କ ସମ୍ବନ୍ଧୀୟ ବିଭିନ୍ନ ବିଧିଗତ ନିୟମର ଅନୁପାଳନ ଯେପରିକି ମୁଖ୍ୟ ନିଯୁକ୍ତିଦାତା ଅଥବା ସେମାନଙ୍କର ପ୍ରତିନିଧୀଙ୍କ ଦାୟିତ୍ୱ ଓ ଭୂମିକା, ବିଧି ବ୍ୟବସ୍ଥା ଓ ଏହାର ଅନୁକରଣ ଇତ୍ୟାଦି, ଆର୍ଥିକ ଦୃଷ୍ଟିକୋଣ ମଧ୍ୟରେ ବଜେଟ୍ ପ୍ରଭେଦ ଏବଂ ସଠିକ, ବଜେଟ ଆବଣ୍ଟନ ଓ ବିତରଣ ପାଇଁ ଅପରେଟିଂ କର୍ତ୍ତୃପକ୍ଷ, ସାଧାରଣ ଆର୍ଥିକ ଅସୁବିଧା ଏବଂ ବିଲ୍ ପ୍ରକ୍ରିୟାକରଣ, ଭିଜିଲାନ୍ସ ଦୃଷ୍ଟିକୋଣ ଯଥା ଚୁକ୍ତିନାମା ପ୍ରସ୍ତୁତ ଏବଂ କାର୍ଯ୍ୟକାରୀ କରିବାରେ ସ୍ୱଚ୍ଛତା ଉପରେ ସ୍ୱତନ୍ତ୍ର ଧ୍ୟାନ ଇତ୍ୟାଦି ଉପରେ ଅଧିକ ତଥ୍ୟ ପ୍ରଦାନ କରାଯାଇଥିଲା। ଏହି କର୍ମଶାଳାରେ ରିସୋର୍ସ ବ୍ୟକ୍ତି ଭାବରେ ଅର୍ଥ ବିଭାଗର ଜିଏମ ଅଶ୍ୱିନୀ କୁମାର ସାହୁ, ସିସିଡବ୍ଲୁ ବିଭାଗର ଏଜିଏମ ପିଭି ରାଓ, ଭିଜିଲାନ୍ସ ବିଭାଗର ଏଜିଏମ ସନ୍ଦିପ ବଂଶଲ ଓ କାର୍ମିକ ସିଏଲସି ବିଭାଗର ସିନିୟର ମ୍ୟାନେଜର ଅବିନାଶ ଯୋଗ ଦେଇଥିଲେ । ଏଚଆରଡ଼ି ବିଭାଗର ସିନିୟର ମ୍ୟାନେଜର, ସୁଶ୍ରୀ ଅନ୍ନପୂର୍ଣ୍ଣା ବେହେରା ଓ ଓସିଟି ଡ଼ି ପୂରଣ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜାମପଡ଼ା ଗ୍ରାମ ନିକଟରୁ ୧୮ ଖଣ୍ଡ କେନ୍ଦୁଗଣ୍ଡି ଜବତ

ବଲାଙ୍ଗିର, (ହି.ସ.)- ବଙ୍ଗୋମୁଣ୍ଡା ରେଞ୍ଜ ର କର୍ମଚାରୀମାନେ ମହଖଣ୍ଡ ବିଭାଗର ଜାମପଡ଼ା ଗ୍ରାମ ନିକଟରୁ ୪୨.୦୩ ଘନଫୁଟ ମାପ ବିଶିଷ୍ଟ ୧୮ ଖଣ୍ଡ କେନ୍ଦୁ ଗଣ୍ଡି ଜବତ କରିଥିଲେ। ଜବତ ସାମଗ୍ରୀକୁ ରେଞ୍ଜ ଅଫିସ୍ କ୍ୟାମ୍ପସକୁ ଅଣାଯାଇଥିଲା। ଏନେଇ ଅଧିକ ଅନୁସନ୍ଧାନ ଜାରି ରହିଛି।

ଏହି ଚଢ଼ଉରେ ଫରେଷ୍ଟର ଶ୍ରୀକାନ୍ତ ସାହୁ, ଫରେଷ୍ଟର ଦିବସ ମାଝୀ, ଫରେଷ୍ଟର ଗୋବର୍ଦ୍ଧନ ପୁଟେଲ, ଫରେଷ୍ଟ ଗାର୍ଡ ଭୋଜରାଜ ଭୋଇ, ଫରେଷ୍ଟ ଗାର୍ଡ ଚନ୍ଦ୍ରଶେଖର ଦାଶ, ଫରେଷ୍ଟ ଗାର୍ଡ ହିମାଂଶୁ ପଣ୍ଡା, ଫରେଷ୍ଟ ଗାର୍ଡ ସତ୍ୟନାରାୟଣ ପୁଟେଲ, ବଙ୍ଗୋମୁଣ୍ଡା ରେଞ୍ଜ ର ପାରା ସ୍କ୍ୱାଡ଼ ସହିତ ରେଞ୍ଜ ଅଧିକାରୀ ଜନାର୍ଦ୍ଦନ ଠାକୁରଙ୍କ ନିର୍ଦ୍ଦେଶରେ କରାଯାଇଥିଲା।

# ତୃତୀୟ ପର୍ଯ୍ୟାୟରେ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ ହେଲା କଳାହାଣ୍ଡି ଜିଲ୍ଲାର ୧୧୫ ଉଚ୍ଚ ବିଦ୍ୟାଳୟ

# ଆଭାସୀ ମାଧ୍ୟମରେ ଲୋକାର୍ପଣକଲେ ମୁଖ୍ୟମନ୍ତ୍ରୀ



ଭବାନୀପାଟଣା (ପିପିଏସ) : ୫ଟି ହାଇସ୍କୁଲ ରୂପାନ୍ତରଣ ଅଭିଯାନର ତୃତୀୟ ପର୍ଯ୍ୟାୟରେ କଳାହାଣ୍ଡି ଜିଲ୍ଲାର ୧୧୫ଟି ରୂପାନ୍ତରିତ ହାଇସ୍କୁଲ ଲୋକର୍ପିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅବସରରେ ଭିଡ଼ିଓ କନଫରେନ୍ସ ଜରିଆରେ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ୫ଟି ଉପଯୋଗ ସମ୍ପର୍କରେ ସୂଚନା ଦେଇ ଟେକ୍ନୋଲୋଜି ଉପରେ ଗୁରୁତ୍ୱ ଦେଇ ନିଜ ପ୍ରତିଭାର ପରିଚୟ ଦେବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ସ୍ଥାନୀୟ ପୋଲିସ ହାଇସ୍କୁଲ ଠାରେ ଜିଲ୍ଲାପାଳ କଳାହାଣ୍ଡି ପି ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହଦେଓ , ନର୍ଲା ବିଧାୟକ ଭୂପିନ୍ଦର ସିଂ,ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର,ଧର୍ମଗଡ ବିଧାୟକ ମୌଶଧି ବାଗ, ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରି ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ହାଇସ୍କୁଲ ର ୧୦ ମ ଶ୍ରେଣୀ ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ନାୟକ ୫ଟି ରୂପାନ୍ତରୀତ ହାଇସ୍କୁଲରେ ନିଜ ସ୍କୁଲର ଅନୁଭୂତିକୁ ପ୍ରକାଶ କଲେ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଦେଇଥିଲେ। ୫-ଟିର ସଫଳ ରୂପାୟନ ଦ୍ୱାରା ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା, ସ୍ମାର୍ଟକ୍ଲାସ, ଇ ଲାଇବ୍ରେରୀ, ଅତିଆଧୁନିକ ବିଜ୍ଞାନଗାରର ସୁବିଧା ନିଜ ବିଦ୍ୟାଳୟରେ ପାଇପାରୁଛନ୍ତି ।ଜୁନାଗଡ ବିଧାୟକ କ୍ୟାପଟେନ ମିଶ୍ର ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଦେଇ କଳାହାଣ୍ଡି ଜିଲ୍ଲା ଆଜି ଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି ଏବଂ କଳାହାଣ୍ଡି ବାସୀ ମେଡିକାଲ କଲେଜ,କୃଷି ମହାବିଦ୍ୟାଳୟ, ସରକାରୀ ଇଞ୍ଜିନିୟରିଂ କଲେଜ ଭଳି ଅନୁଷ୍ଠାନ ପାଇଛନ୍ତି। ଏହି ରୂପାନ୍ତରିତ ସ୍କୁଲ ଅନେକ ମେଧାବୀ ଛାତ୍ରଛାତ୍ରୀ ସୃଷ୍ଟି କରିବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ସହିତ ଏକ ସମୟରେ ଜିଲ୍ଲାର ୧୧୪ ଟି ହାଇସ୍କୁଲରେ ମୁଖ୍ୟମନ୍ତ୍ରୀଙ୍କ ଆଭାସୀ ମାଧ୍ୟମରେ ଲୋକାର୍ପଣ ଉତ୍ସବକୁ ଏଲ୍‌ଇଡି ମାଧ୍ୟମ ରେ ସଂପୃକ୍ତ ସ୍କୁଲର ଛାତ୍ରଛାତ୍ରୀ ,ଶିକ୍ଷକ ଶିକ୍ଷୟତ୍ରୀ,ଆଲୁମିନି, ପଞ୍ଚାୟତ ପ୍ରତିନିଧି ଦେଖିଥିଲେ।ସୂଚନାଯୋଗ୍ୟ ଚତୁର୍ଥ ପର୍ଯ୍ୟାୟରେ କଳାହାଣ୍ଡି ଜିଲ୍ଲାର ଆହୁରି ୮୨ ଟି ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ରେ ଅନ୍ତର୍ଭୁକ୍ତ ହେବ।ଏହି କାର୍ଯ୍ୟକ୍ରମରେ ୧୧୫ ଟି ରୂପାନ୍ତରିତ ବିଦ୍ୟାଳୟ ର ପ୍ରତିନିଧି ସହ ସ୍କୁଲ ଆଲୁମିନି, ଜନପ୍ରତିନିଧି, ଭବାନୀପାଟଣାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ , ବିଡିଓ, ଶିକ୍ଷା ବିଭାଗର କର୍ମଚାରୀ, ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ବିଶ୍ୱ ରେଡକ୍ରସ୍ ଦିବସ ପାଳିତ

ଜୟପୁର, (ହି.ସ.) - ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର ଜୁନିୟର ରେଡକ୍ରସ୍ ଶାଖା ତରଫରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ନରେଶ କୁମାର ଷଡଙ୍ଗୀ ଓ ଜୁନିୟର ରେଡକ୍ରସ ପରାମର୍ଶଦାତ୍ରୀ ଶୁଭସ୍ମିତା ସାହୁ , ଶିକ୍ଷକ ହିତକର ଚରଡି ଯୋଗଦେଇ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଥିଲେ। ଜୁନିୟର ମାନଙ୍କ ଭିତରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। । ଶେଷରେ ଶିକ୍ଷକ ବିଶ୍ୱରଂଜନ ଗୌଡ଼ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

# ଡି. ପ୍ରିୟଙ୍କାଙ୍କୁ ‘ଗୁରୁଦେବ ପ୍ରସାଦ ଦାସ ପ୍ରତିଭା ସମ୍ମାନ’



ପାରଳାଖେମୁଣ୍ଡି,(ପିପିଏସ): ଭୁବନେଶ୍ୱରର ନୃତ୍ୟାର୍ଚ୍ଚନା ଅନୁଷ୍ଠାନ ପକ୍ଷରୁ ଷଷ୍ଠତମ ଗୁରୁ ଦେବ ପ୍ରସାଦ ଦାସ ସମ୍ମାନ ଉତ୍ସବ - ୨୦୨୩ ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ , ଓଡିଶା ବିଧାନସଭାର ସଚିବ ଦାଶରଥି ଶତପଥୀ , ପୂର୍ବତନ ଅତିରିକ୍ତ ଶାସନ ସଚିବ କୃପାସିନ୍ଧୁ ମିଶ୍ର , ସଙ୍ଗୀତିଜ୍ଞ ସୁକାନ୍ତ କୁମାର କୁଣ୍ଡୁ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ନୃତ୍ୟଶିଳ୍ପୀ ମାନେ ଯୋଗ ଦେଇଥିଲେ। ପାରଳାଖେମୁଣ୍ଡିର ଅଗ୍ରଣୀ ଓଡିଶୀ ନୃତ୍ୟ ଅନୁଷ୍ଠାନ ଜଗନ୍ନାଥ ଓଡିଶୀ କଳାକେନ୍ଦ୍ରର ନୃତ୍ୟଶିଳ୍ପୀ ଅନୌଷ୍କା ଅନହିତା , ତନୀଷା ବେବର୍ତ୍ତା , ଚିରସ୍ମିତା ପଣ୍ଡା , ରିଶୀତା ପାତ୍ର , ସପ୍ନାରାଣୀ ପାଣିଗ୍ରାହୀ , ଶୁଭଶ୍ରୀ ପାଣିଗ୍ରାହୀ , ବିଦ୍ୟା ପୂଜାରୀ ଓ ତନିଷା ପରିଚ୍ଛା ଓଡିଶୀ ଅଭିନୟ ପରିବେଷଣ କରି ଦର୍ଶକ ମାନଙ୍କୁ ଠାରୁ ଭୁୟସୀ ପ୍ରଶଂସା ପାଇଛନ୍ତି ଏବଂ ଅନୁଷ୍ଠାନର ନୃତ୍ୟ ନିର୍ଦ୍ଦେଶିକା ସୁଶ୍ରୀ ଡି. ପ୍ରିୟଙ୍କାଙ୍କୁ ଷଷ୍ଠ ତମ ‘ଗୁରୁ ଦେବ ପ୍ରସାଦ ଦାସ‘ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁ ସୁରେଶ କୁମାର ଖୁଣ୍ଟିଆ , ସାଗର କୁମାର ଖୁଣ୍ଟିଆ ଆଦି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର, (ହି.ସ.) - ଜୟପୁର ବ୍ଲକ ଅନ୍ତର୍ଗତ ଆମ୍ବାଗୁଡା ଠାରେ ପଂଚାୟତ ସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରି ନିସା. କେ,ସରପଞ୍ଚ, ସମିତି ସଭ୍ୟା, କନିଷ୍ଠ ଯନ୍ତ୍ରୀ , ପିଇଓ, ଜିଆରଏସ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ ହଟିକଲଚର,କୃଷି ବିଭାଗ ଅନ୍ୟ ଲାଇନ ର ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା ।

# ଓଡ଼ିଶା କାର୍ଟୁନ୍ ଏକାଡେମୀର ୨ୟ କାର୍ଟୁନ୍ ପ୍ରଦର୍ଶନୀ

# ଓଡ଼ିଶାର ୧୮ ଜଣ ବିଶିଷ୍ଟ କାର୍ଟୁନିଷ୍ଟଙ୍କୁ ନେଇ ୨୦୦ରୁ ବ୍ୟଙ୍ଗଚିତ୍ର ପ୍ରଦର୍ଶିତ



ପାରଳାଖେମୁଣ୍ଡି(ପିପିଏସ୍): ବିଶ୍ୱ କାର୍ଟୁନିଷ୍ଟ ଦିବସ ଉପଲକ୍ଷେ ଓଡ଼ିଶା କାର୍ଟୁନ ଏକାଡେମୀ ଦ୍ୱାରା ବିଶ୍ୱ କାର୍ଟୁନିଷ୍ଟ ଦିବସ ନୀଳାଦ୍ରି ବିହାରସ୍ଥ ବୁଦ୍ଧ ଆର୍ଟ ଗ୍ୟାଲେରୀରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ କଟକ - ଭୁବନେଶ୍ୱର କମିଶନରେଟ୍ ପୋଲିସ୍ ବିଭାଗର କମିଶନର ଏସ୍‌କେ ପ୍ରିୟଦର୍ଶୀ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରି ଓଡ଼ିଆ କାର୍ଟୁନିଷ୍ଟମାନଙ୍କୁ ପ୍ରଶଂସା କରୁଥିଲେ । ଏକାଡେମୀର ସଭାପତି ବିଶିଷ୍ଟ କାର୍ଟୁନିଷ୍ଟ କମଳାକାନ୍ତ ରଥ ସଭାପତିତ୍ୱ କରିଥିବା ବେଳେ ଉପସଭାପତି ଶିଳ୍ପୀ କେଶୁ ଦାସ ଅତିଥି ପରିଚୟ ଓ ପ୍ରାକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ଆଇଆଇଏମସିର ଅଧ୍ୟକ୍ଷ ମୃଣାଳ ଚାଟାର୍ଜୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସମ୍ପଦ ମହାପାତ୍ର ଓ ସମ୍ବିତ ସାହୁ ଯୋଗ ଦେଇଥିଲେ । ଏକାଡେମୀର ସଂପାଦକ ଦେବାଶିଷ ସିଂ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଅବସରରେ ଓଡ଼ିଶାର ବରିଷ୍ଠ କାର୍ଟୁନିଷ୍ଟ ସୁଧାଂଶୁ ଦେଓଙ୍କୁ ଜୀବନବ୍ୟାପୀ କାର୍ଟୁନ୍ ସାଧନା ପାଇଁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ରାଜ୍ୟସ୍ତରୀୟ କାର୍ଟୁନ୍ ପ୍ରଦର୍ଶନୀରେ ଓଡ଼ିଶାର ୧୮ ଜଣ ବିଶିଷ୍ଟ ବ୍ୟଙ୍ଗ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରି ସାମାଜିକ, ରାଜନୈତିକ, ପାରିପାର୍ଶ୍ୱିକ, ଆନ୍ତର୍ଜାତିକ ଆକର୍ଷଣୀୟ ଓ ସମାଲୋଚନା ମୂଳକ ୨୦୦ରୁ ଊର୍ଦ୍ଧ୍ୱ ବ୍ୟଙ୍ଗ ଚିତ୍ର ପ୍ରଦର୍ଶିତ ହୋଇଥିଲା । ପ୍ରଦର୍ଶନୀ ରେ ସୁଧାଂଶୁ ଦେଓ ସମେତ ପରେଶ ନାଥ, ଜ୍ଞାନ ରଥ, ଅଶ୍ୱିନୀ-ଅବନୀ, ଶିଳ୍ପୀ କେଶୁ ଦାସ, କେକେ ରଥ, ଦେବାଶିଷ ସିଂ, ନନ୍ଦେଷ୍ଟୁ, ଉତ୍କଳ ଗୌରବ, ଚୂଡ଼ାମଣି ଦାସ, ପ୍ରଦ୍ୟୁମ୍ନ ନାଟୁଆ, ସୁଦାମ ଶେଖର, ଶେଖର ରାଓ, ପ୍ରଶାନ୍ତ ମାଝି, ପ୍ରଶାନ୍ତ ମହାକୁଡ଼, ବିବେକ ଦାସ, ଶିବ ନାରାୟଣ, ସୁନାରାମ ସିଂ ପ୍ରମୁଖଙ୍କ ବ୍ୟଙ୍ଗଚିତ୍ର ପ୍ରଦର୍ଶିତ ହୋଇଥିବା ବେଳେ ଏହା ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଖୋଲା ରହିବ ।

## କାର୍ଟୁନିଷ୍ଟ ଦେଓଙ୍କୁ ଜୀବନବ୍ୟାପୀ ସାଧନା ସମ୍ବର୍ଦ୍ଧନା

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ବିଭିନ୍ନ ୩୦ ଅଭିଯୋଗର ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, ( ହି.ସ.)- ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଜି ବିନିକା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୩୦ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୨୪ ଗୋଟି, ସାମୁହିକ ଦରଖାସ୍ତ ୬ ଗୋଟି ରହିଥିବା ସୂଚନା ପ୍ରଦାନ କରାଯାଇଛି। ତନ୍ମଧ୍ୟରୁ ୫ ଗୋଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିବା ବେଳେ ଗ୍ରହଣ କରାଯାଇଥିବା ଅନ୍ୟ ସମସ୍ତ ଅଭିଯୋଗ ଦରଖାସ୍ତକୁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି।

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିନିକା ବ୍ୟାସଦେବ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ନିହାର ରଞ୍ଜନ କହଁର, ଉପ-ଜିଲ୍ଲାପାଳ ସୋନପୁର ଡ଼ଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ବ୍ଲକ ଅଧ୍ୟକ୍ଷା ଦିପ୍ତୀରେଖା ନନ୍ଦ, ଅଧିକ୍ଷଣ ଯନ୍ତ୍ରୀ ଆରଡବ୍ଲୁଏସଏସ ଇଂ. ବିଭୂପ୍ରସାଦ ପଣ୍ଡା, ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଏମ ଡିଆଇସି ବଳଭଦ୍ର ନାୟକ, ସ୍ୱାସ୍ଥ୍ୟ ଅଧିକାରୀ, ବିନିକା ସିଏଚସି ଡ଼. ସତ୍ୟନାରାୟଣ ପାଣିଗ୍ରାହୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ପଂଚାୟତ ଅଧିକାରୀ ଅର୍ଜୁନ ମାଝୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ଦାଶ, ଉପ ଶ୍ରମ ନିର୍ଦ୍ଦେଶକ ଡିଲେଶ୍ୱର ଖାକା, ତହସିଲଦାର ବିନିକା- ମୁକ୍ତେଶ୍ୱର ପାଣିଗ୍ରାହୀ ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ବୃନ୍ଦ ପ୍ରମୁଖ ଯୋଗଦାନ କରିଥିଲେ।

# ରେଡକ୍ରସ୍ ତରଫରୁ ଅତ୍ୟାଧୁନିକ ଆମ୍ବୁଲାନ୍ସ ସେବା ଲୋକାର୍ପିତ

ମାଲକାନଗିରି, (ହି. ସ.): ବିଶ୍ୱ ରେଡକ୍ରସ ଦିବସ ପାଳନ ଅବସରରେ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏକ ଅତ୍ୟାଧୁନିକ ଆମ୍ବୁଲାନ୍ସ ସହିତ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଗାଡି ଜିଲାପାଳ ବିଶାଲ ସିଂ ଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ରେଡକ୍ରସ ସୋସାଇଟି, ଉପାଧ୍ୟକ୍ଷ ମହେଶ୍ୱର ଚନ୍ଦ୍ର ନାଏକ ଏବଂ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତ୍ରିନାଥ ମାଝୀ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଫୁଲ୍ଲ କୁମାର ନନ୍ଦ କାର୍ଯ୍ୟକ୍ରମରେ ଯୋଗଦାନ କରି ଏହି ଆମ୍ବୁଲାନ୍ସ କିପରି ଲୋକଙ୍କ ପାଖରେ ସେବା ପହଂଚାଇ ପାରିବ ସେହି ବିଷୟରେ ଆଲୋକପାତ କରିଥିଲେ। ସୂଚନା ଥାଉକି, ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ଶାଖା ଏବଂ କାନାଡିଆନ ରେଡକ୍ରସ ସୋସାଇଟି ତରଫରୁ ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଗାଡିଟିକୁ ମାଲକାନଗିରି ଜିଲ୍ଲାର ଆର୍ଥିକ ରୂପେ ଅସହାୟ, ଆଦିବାସୀ ଅଧ୍ୟୁଷିତ ଅଂଚଳର ଲୋକମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଗାଡିଟିକୁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ନନ୍ଦଙ୍କୁ ହସ୍ତାନ୍ତର କରାଯାଇଛି । ଏହି ଗାଡିଟିରେ ଅତ୍ୟାଧୁନିକ ଯନ୍ତ୍ରପାତି ସଂଯୋଗ କରାଯାଇଛି। ଏହା ଓଡ଼ିଶାରେ ପ୍ରଥମ ଥର ପାଇଁ ରେଡକ୍ରସ ସୋସାଇଟିର କାର୍ଯ୍ୟକ୍ରମ ହୋଇଥିବାରୁ ଜିଲ୍ଲାବାସୀଙ୍କ ମୁହଁରେ ଆନନ୍ଦର ଲହରୀ ଖେଳିଯାଇଛି। ଏହି କାର୍ଯ୍ୟକ୍ରମଟି ବିଶ୍ୱ ରେଡକ୍ରସ ଦିବସ ଅବସରରେ ସାର୍ ହେନେରୀ ଡୁନାଂଟଙ୍କ ଜନ୍ମ ଅବସରରେ ଆଜି ଉଦଘାଟନ କରାଯାଇଛି। ଜରୁରୀକାଳୀନ ଅଧିକାରୀ ଉମା ପ୍ରସାଦ ଦାସ ଏବଂ ଜିଲ୍ଲା ଯୁବ ରେଡକ୍ରସ ଆବାହକ ତଥା ସମ୍ପାଦକ ଡଃ. ରଞ୍ଜନ କୁମାର ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ଜେନା, ଜିଲ୍ଲା ସଂଯୋଜକ ଡ଼ଃ. ଆଶିଷ ରାଠୋର, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲକୁମାର ଭୂଜବଳ, ଦୁର୍ବିପାକ ଅଧିକାରୀ ଅମୀୟ କୁମାର ମହନ୍ତ, ହେମନ୍ତ କୁମାର ମାଝୀ, କୁନା ନାୟକ, ମଞ୍ଜୁଶ୍ରୀ ବେହେରା, ହରେକୃଷ୍ଣ କିର୍ତ୍ତନୀଆ, ରଞ୍ଜନ ମହାନ୍ତି, ସାମ୍ବାଦିକ, ବୁଦ୍ଧିଜୀବି ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ୨୧ରେ ମୀନାକ୍ଷୀ ଧରଙ୍କ ସ୍ମାରକୀ ଆଲୋଚନାଚକ୍ର



ରାଉରକେଲା(ପିପିଏସ): ସହରର ଚର୍ଚ୍ଚିତ ଉଦଘୋଷିକା ମୀନାକ୍ଷୀ ଧରଙ୍କ ଦ୍ୱିତୀୟ ସ୍ମୃତି ସଭା ଓ ସ୍ମାରକୀ ଆଲୋଚନାଚକ୍ର ଆସନ୍ତା ୨୧ତାରିଖ ଦିନ ଆଦର୍ଶ ସାହିତ୍ୟ ଘର ଠାରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି । ମୀନାକ୍ଷୀ ଧର ଫାଉଣ୍ଡେସନର ଆବାହକ ନଳିନୀ କାନ୍ତ ଧରଙ୍କ ଆବାହକତ୍ୱରେ କଲଚରାଲ ଏକାଡ଼େମୀ ଠାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ନିଷ୍ପତ୍ତି ନିଆଯାଇଛି । ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୧୪ତାରିଖ ଦିନ ସେକ୍ଟର ୧୪ ଦିଲ୍ଲୀ ପବ୍ଲିକ୍ ସ୍କୁଲ ଠାରେ ସକାଳ ୮ ଘଟିକା ସମୟରେ ବିଦ୍ୟାଳୟ ସ୍ତରୀୟ ସାଧାରଣଜ୍ଞାନ ପରୀକ୍ଷା କରାଯିବ । ଦୁଇ ଭାଗରେ ବିଭକ୍ତ କନିଷ୍ଠ ବର୍ଗ ଷଷ୍ଠ ରୁ ଅଷ୍ଟମ ଶ୍ରେଣୀ ଓ ବରିଷ୍ଠ ବର୍ଗ ନବମ ରୁ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀ ମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଏଥିରେ କୃତୀତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଆସନ୍ତା ୨୧ତାରିଖ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ । ସେହିପରି ଚଳିତ ବର୍ଷ ଉଦଘୋଷକ, ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ । ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରାଧ୍ୟାପକ ଡଃ ଶ୍ୟାମସୁନ୍ଦର ଧର ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ପଶ୍ଚିମ ଓଡିଶା ଲୋକ ସଂସ୍କୃତି - ସ୍ୱରୂପ ସଂପର୍କରେ ଆଲୋଚନା ସହ ସ୍ୱର୍ଗତା ଧରଙ୍କ ସ୍ମୃତି ଚାରଣ କରାଯିବ। ଏହି ପ୍ରସ୍ତୁତି ବୈଠକରେ ଶ୍ରୀ ଧରଙ୍କ ବ୍ୟତୀତ ସର୍ବଶ୍ରୀ ରାଜୀବ ପାଣି, ବ୍ରଜେନ୍ଦ୍ର ଦାଶ, ଶୈଳେନ୍ଦ୍ର ମହାନ୍ତି, ଶଙ୍କର ଜେନା, କୁଞ୍ଜବିହାରୀ ରାଉତ, ବିବେକାନନ୍ଦ ଦାସ, ନିରୁପମା ଦାଶ , ଆଲୋକ ଜେନା, ଅଶୋକ ପଟ୍ଟନାୟକ, ପ୍ରାଚୀ ଧର , ସ୍ମିତା ମିଶ୍ର, ସୂର୍ଯ୍ୟ ନାରାୟଣ ପାଢୀ, ସିଲି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିଯୋଗିତାର ବିଶେଷ ବିବରଣୀ ପାଇଁ ଛାତ୍ରଛାତ୍ରୀ ମାନେ ମୋବାଇଲ ନମ୍ବର ୭୦୦୮୨୫୫୫୦୯ ଓ ୮୨୪୯୫୮୭୦୯୩ ରେ ଯୋଗଯୋଗ କରିବା ପାଇଁ ଅନୁଷ୍ଠାନ ତରଫରୁ କୁହାଯାଇଛି । ସୂଚନା ଯୋଗ୍ୟ ଯେ ଗତ ପ୍ରାୟ ଦୁଇବର୍ଷ ତଳେ ଏକ ଅଭାବନୀୟ ଦୁର୍ଘଟଣାରେ ମୀନାକ୍ଷୀଙ୍କ ମୃତ୍ୟୁ ଘଟିଥିଲା ।

# କଳାଗୁଡ଼ାରେ ଅବକାରୀ ଚଢଉ

# ୧୬ଶହ ଲିଟର ପୋଚ ଓ ୯୦ ଲିଟର ଦେଶୀମଦ ଜବତ

ଜୟପୁର, (ହି.ସ.) - ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡା ଜଙ୍ଗଲରେ ଅବକାରୀ ଚଢାଉ ହୋଇଛି। ମଦ ମାଫିଆମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ବୈପାରିଗୁଡା ଓ ଜୟପୁର ଅବକାରୀ ବିଭାଗ ସଦର ପୋଲିସର ମିଳିତ ଚଢାଉ କରାଯାଇଛି। ଚଢାଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ଜଣାଯାଇଛି। ଚଢାଉ କରି ବହୁ ମଦ ଭାଟି ଭାଙ୍ଗିବା ସହ ୧୬ ଶହ ଲିଟର ପୋଚ ଓ ୯୦ ଲିଟର ଦେଶୀ ମଦକୁ ଜବତ କରି ନଷ୍ଟ କରିଛି। ଘଟଣାସ୍ଥଳରୁ ମଦ ରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରାଯାଇଥିବା ଜୟପୁର ଅବକାରୀ ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

# ବ୍ଲକସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର

ସୁବର୍ଣ୍ଣପୁର: ଜିଲ୍ଲାପ୍ରଶାସନ ସୁବର୍ଣ୍ଣପୁର ଓ ଏସଭି ନିରତାର ଓଲଟପୁର ଆନୁକୂଲ୍ୟରେ ଆଜି ବିନିକା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିନିକା ବ୍ଲକ ଅନ୍ତର୍ଗତ ଚୟନ ହୋଇଥିବା ବିଭିନ୍ନ ୩୮ ଜଣ ଭିନ୍ନକ୍ଷମ ମାନଙ୍କୁ ଜିଲ୍ଲାପାଳ ସୁବର୍ଣ୍ଣପୁର ସୂର୍ଯ୍ୟନାରାୟଣ ଦାଶ, ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା, ସିଡିଓ ତଥା ଇଓ ଜିଲ୍ଲାପରିଷଦ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ସୋନପୁର ଡ଼. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ବ୍ଲକ ଅଧ୍ୟକ୍ଷା ଦିପ୍ତୀରେଖା ନନ୍ଦ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ବିଡ଼ିଓ ବିନିକା ବ୍ୟାସଦେବ ବେହେରା ପ୍ରମୁଖ ଯୋଗଦାନ କରି ଭିନ୍ନକ୍ଷମ ସହାୟକ ଉପକରଣ ବଂଟନ କରିଥିଲେ। ଏହି ଶିବିରରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ୍ ରାଏ ତଥା ଅନ୍ୟାନ୍ୟ ବ୍ଲକ ସ୍ତରୀୟ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ରାସ୍ତା ଓ ପୋଲ ନିର୍ମାଣ ଦାବିରେ ଜାତୀୟ ରାଜପଥ ଅବରୋଧ

ବଲାଙ୍ଗିର, (ହି.ସ.)- ଜନସାଧାରଣଙ୍କ ଗମନାଗମନ ସୁବିଧା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରି କୋଟି କୋଟି ଟଙ୍କା ବିନିଯୋଗ କରୁଛନ୍ତି। କିନ୍ତୁ, ପ୍ରଶାସନିକ ଅଧିକାରୀ ଓ ରାଜନେତାଙ୍କ ଅବହେଳା ଯୋଗୁଁ ବିଭିନ୍ନ ସ୍ଥାନରେ ରାସ୍ତାଘାଟ ନିର୍ମାଣ ହୋଇପାରୁନଥିବାରୁ ଲୋକଙ୍କ ମନରେ ଅସନ୍ତୋଷ ଦେଖାଦେଉଛି। ଅନ୍ୟପକ୍ଷରେ ରାସ୍ତା ନିର୍ମାଣ ଅତି ନିମ୍ନମାନର ହେଉଥିବା ହେତୁ କମ୍ ଦିନରେ ଖରାପ ହୋଇଯାଉଛି। ରାସ୍ତା ନିର୍ମାଣ ଦୁର୍ନୀତି ଓ ରାସ୍ତା ନିର୍ମାଣ ପାଇଁ ଆନ୍ଦୋଳନ ମୁହାଁ ହେଉଥିବା ଦେଖିବାକୁ ମିଳୁଛି। ସୂଚନା ଅନୁସାରେ ପାଟଣାଗଡ଼ ଉପଖଣ୍ଡ ବେଲପଡାରୁ ଖଇରମାଲ ଡକରା ରାସ୍ତା ସ୍ୱାଧୀନତାର ଦୀର୍ଘ ୭୬ ବର୍ଷ ବିତିଯାଇଥିଲେ ସୁଦ୍ଧା ପକ୍କା ରାସ୍ତା ଓ ପୋଲ ଟିଏ ନିର୍ମାଣ ହୋଇପାରିନାହିଁ। ଯାହା ଫଳରେ କି କୁଦୋଭଟା, ପଦ୍ମପୁର, ତଅଁଳା, ମାଲପଡା, ବାହାବଲ, ଖଇରମାଲ, ଭତପରା, ସିହିନୀ ଡକରା, ସୁଲେକେଲା ଲୋକ ଦୂର ରାସ୍ତା ଦେଇ ବେଲପଡା ମୁଖ୍ୟ ସହରକୁ ଆସୁଛନ୍ତି ଓ ଛାତ୍ରଛାତ୍ରୀ ମାନେ ବେଲପଡା ପାଠ ପଢି ସାଇକେଲରେ ଆସୁଛନ୍ତି ଏବଂ ହଇରାଣ ହେଉଛନ୍ତି। ଯଦି ଜବଲାଜୋର ଓ ଲାନ୍ଥ ନଦୀ ପୋଲ ଓ ରାସ୍ତା ନିର୍ମାଣ ହୋଇଯାଏ ତାହେଲେ ଏହି ଅଂଚଳବାସୀଙ୍କ ପାଇଁ ସୁବିଧା ହୋଇପାରିବ । ଏବେ ଏହି ରାସ୍ତାଟି ଖାଲ ନାଳରେ ଥିବାରୁ ଏହି ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ଓ ପୋଲ ନିର୍ମାଣ ଲାଗି ଦୀର୍ଘ ୨୨ ବର୍ଷ ହେଲା ଦାବି ହୋଇ ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିର୍ମାଣ ହୋଇପାରୁ ନଥିବା ଅତି ଦୁର୍ଭାଗ୍ୟଜନକ। ଏ ବିଷୟରେ ବିଭାଗୀୟ ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ଅବଗତ କରାଇଥିଲେ ମଧ୍ୟ ଫଳ ଶୂନ । ସ୍ଥାନୀୟ ବିଧାୟକ ସରୋଜ କୁମାର ମେହେର ଦୀର୍ଘ ତିନି ବର୍ଷ ହେଲା ପ୍ରତିଶ୍ରୁତି ଦେଇଆସୁଥିବା ବେଳେ ଆଜି ପର୍ଯ୍ୟନ୍ତ ନିର୍ମାଣ ହୋଇପାରୁ ନଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ସମ୍ପର୍କରେ ୮.୧୧.୨୦୨୩ ରେ ପଂଚାୟତ ସମିତି ବୈଠକରେ ପ୍ରସ୍ତାବ ଅଣାଯାଇଥିବା ବେଳେ ତାହା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ପାଟଣାଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟର ପତ୍ର ସଂଖ୍ୟା ୭୬୫ ରେ ତାରିଖ ୨.୦୩.୨୧ ବେଳେ ୧୦.୮୦ କୋଟି ଟଙ୍କା ଅନୁଦାନ ଦିଆଯାଇଛି ବୋଲି ଘୋଷଣା କରାଯାଇଛି। କିନ୍ତୁ, ତାହା କାର୍ଯ୍ୟକାରୀ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ ସେଥିପାଇଁ ଅଂଚଳବାସୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି । ଏଥିପାଇଁ ଆଜି କୋଶଳ ନେତା ଜନାର୍ଦ୍ଦନ ସିଂ ଓ ଦୁଇ ଜିଲ୍ଲା ପରିଷଦ ଶବ୍ଦ ମିର୍ଦ୍ଧା ଏବଂ ଅନିମା ଦାଶଙ୍କ ନେତୃତ୍ୱରେ ସକାଳୁ ଅଂଚଳର ସହସ୍ରାଧିକ ଲୋକ ଏକଜୁଟ ହୋଇ ବେଲପଡା ତାରିଣୀ ମନ୍ଦିର ସମ୍ମୁଖରେ ଉପସ୍ଥିତ ହୋଇଥିଲେ ଓ ବଲାଙ୍ଗିରରୁ କଂଟାବାଞ୍ଜି ୪୬ ନମ୍ବର ରାଜପଥ ରୋକ୍ କରିଥିଲେ। ଘଂଟା ଘଂଟାର ଆନ୍ଦୋଳନ ପରେ ଘଟଣାସ୍ଥଳରେ ପୋଲିସ ଅଧିକାରୀ ବୁଲୁ ମୁଣ୍ଡା ପହଂଚି ଲୋକଙ୍କୁ ବୁଝାସୁଝା କରିବା ପାଇଁ ଚେଷ୍ଟା କରିଥିଲେ ହେଁ ଲୋକ ମାନିନଥିଲେ। ପରେ ବେଲପଡା ତହସିଲଦାର ପ୍ରଶାନ୍ତି ପ୍ରଧାନ ଆସି ବୁଝାଇଥିଲେ ମଧ୍ୟ ଲୋକମାନେ ଜିଦ୍ ରେ ଅଟଳ ଥିଲେ। ତାପରେ ପାଟଣାଗଡ଼ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବଗ୍ରାହୀ ଦାସ ଆସି ଦୁଇ ମାସ ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକ ଆନ୍ଦୋଳନ ପ୍ରତ୍ୟାହୃତ କରିଥିବା ଜଣାପଡିଛି। ଏହି ଆନ୍ଦୋଳନରେ ବେଲପଡା ସରପଂଚ ହରିଶ ଚନ୍ଦ୍ର ବୁଡେକ, ପ୍ରଦୀପ ବୁଡେକ, ନିଳାମ୍ବର ଭାଟି, ଗୋପାଳ ପୁଟେଲ, ଯୁଗେଶ୍ୱର ମଲ୍ଲିକ, ମାୟାଧର ନିଆଲ, ମୀନିକେତନ ଥାର୍ଟି ପ୍ରମୁଖ ଓ ଅନ୍ୟାନ୍ୟ ଲୋକେ ସାମିଲ ଥିଲେ। ଏବେ ଦେଖିବାକୁ ବାକି ରହିଲା ବିଭାଗୀୟ ଅଧିକାରୀ ମାନଙ୍କ ପ୍ରତିଶ୍ରୁତି କେତେ ଦୂର କାର୍ଯ୍ୟକାରୀ ହେଉଛି ନାଁ ପାଣିର ଗାର ପାଲଟୁଛି । ଅନ୍ୟପକ୍ଷରେ ଯଦି ଦୁଇ ମାସ ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ନହୁଏ ତାହେଲେ ଆଗାମୀ ଦିନରେ ଆହୁରି ଜୋରଦାର ଆନ୍ଦୋଳନ କରାଯିବ ବୋଲି ସୂଚନା ମିଳିଛି।

# କରାଟେ ଆସୋସିଏସନର ବେଲ୍ଟ ପ୍ରଦାନ



ରାଉରକେଲା(ପିପିଏସ): ଓଡିଶା ସିତୋରିଓ କରାଟେ ଇଣ୍ଡିଆ ଅରଗାନାଇଜେସନର ସହବନ୍ଧିତ ଓଡିଶା ରାଜ୍ୟ କରାଟେ ଆସୋସିଏସନ୍ ତରଫରୁ ସେକ୍ଟର-୧୮ ଗୁରୁ ତେଗବାହାଦୂର ବିଦ୍ୟାଳୟ ଠାରେ ବେଲ୍ଟ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ମୁଖ୍ୟ କୋଚ ଧର୍ମେନ୍ଦ୍ର ସିଂ ଙ୍କ ସଭାପତିତ୍ୱ ଓ ଉପଦେଷ୍ଟା ରାଜେଶ ପ୍ରସାଦ ଦାସଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ?ର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ ମୁଖ୍ୟ ଅତିଥି ଓ କବୟିତ୍ରୀ ସସ୍ମିତା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କରାଟେ ଛାତ୍ର ଛାତ୍ରୀଙ୍କୁ ବେଲ୍ଟ ପ୍ରଦାନ କରିଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀ ମାନେ ସେମାନଙ୍କ କ୍ରୀଡା ପଦର୍ଶିତ କରିଥିଲେ । ପ୍ରାରମ୍ଭରେ ଉପଦେଷ୍ଟା ଶ୍ରୀ ଦାସ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲା ବେଳେ ମୁଖ୍ୟଅତିଥି ଶ୍ରୀ ରାଉତ ଏହି କ୍ରୀଡା କେବଳ ଆତ୍ମରକ୍ଷା ନୁହେଁ ବରଂ ଶାରିରୀକ ଓ ବୌଦ୍ଧିକ ବିକାଶ ସହ ଆତ୍ମ ବିଶ୍ୱାସ ବଢାଇଥାଏ ବୋଲି କହିଥିଲେ । ବରିଷ୍ଠ ଶିକ୍ଷାର୍ଥୀ ରକି ଖାଡିଆ ଓ ସୁଶାନ୍ତ କୁମାର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶୁଭାଙ୍ଗୀ ପୃଷ୍ଟି, ଅନୁପ୍ରିୟା ସମାସୀ, ସିଙ୍ଘରାନୀ ସାହୁ, ରୀତେଶ ସମାସୀ, ହରଗୁନ କୌର, ମୁକୁନ୍ଦରାଜ ପୃଷ୍ଟି,ବିଶ୍ୱଜିତ ବରାଳ, ଓମ୍ ସାହୁ, ବୈଭବ ହାସଁଦା, ଆଲୋକ ପ୍ରଧାନଙ୍କୁ ବିଭିନ୍ନ ବେଲ୍ଟ ପ୍ରଦାନ କରାଯାଇଥିଲା ।

## ଆଇପିଏଲ୍-୨୦୨୩

# ପଞ୍ଜାବ କିଙ୍ଗସକୁ ୫ଉ୍ୱିକେଟ୍‌ରେ ପରାସ୍ତ କଲା କୋଲକାତା



କୋଲକାତା(ଏଜେନ୍ସି): ସୁପରସଣ୍ଡେ ପରେ ସୋମବାର ମଧ ଆଇପିଏଲ ୨୦୨୩ରେ ରୋମାଞ୍ଚକର ମୁକାବିଲା ଦେଖିବାକୁ ମିଳିଛି । କୋଲକାତାର ଇଡେନ୍ ଗାର୍ଡେନରେ ଖେଳାଯାଇଥିବା ଆଇପିଏଲର ୫୩ତମ ସଂଘର୍ଷପୂର୍ଣ୍ଣ ମୁକାବିଲାରେ କୋଲକାତା ୫ ଉ୍ୱିକେଟ୍‌ରେ ପଞ୍ଜାବକୁ ହରାଇଛି । ବରୁଣ ଚକ୍ରବର୍ତ୍ତୀଙ୍କ ଶାଣିତ ବୋଲିଂ ପରେ ଅଧିନାୟକ ନୀତିଶ ରାଣା, ଆନ୍ଦ୍ରେ ରସେଲ୍ ଏବଂ ରିଙ୍କୁ ସିଂଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ କୋଲକାତା ନିଜ ପାଇଁ କର ବା ମର ସଦୃଶ ମୁକାବିଲାରେ ବିଜୟ ଲାଭ କରିଛି । ଏହି ବିଜୟ ସହ ନୀତିଶ ରାଣାଙ୍କ ଦଳ ଉନ୍ନତ ରନରେଟ୍ ଏବଂ ୧୦ ପଏଣ୍ଟ ସହ ତାଲିକାର ପଞ୍ଚମକୁ ଉନ୍ନୀତ ହୋଇଛି । ଅନ୍ୟପଟେ ପଞ୍ଜାବ ୧୧ଶ ମ୍ୟାଚ୍‌ରୁ ଷଷ୍ଠ ପରାଜୟ ଭୋଗିଛି । ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ କିଙ୍ଗ୍ସ ଶିଖର ଧାୱନଙ୍କ ୫୭ ରନ ସହ ଶାହରୁଖ ଖାନ ୮ ବଲ୍‌ରୁ ୨୧ ରନ ଏବଂ ହରପ୍ରୀତ ବାର ୯ ବଲ୍‌ରୁ ୧୭ ରନ ବଳରେ ୨୦ ଓଭରରେ ୭ ଉ୍ୱିକେଟ୍ ହରାଇ ୧୭୯ ରନ କରିଥିଲା । ଜବାବରେ କୋଲକାତା ଅଧିନାୟକ ନୀତିଶ ରାଣାଙ୍କ ୫୧ ରନ, ଆନ୍ଦ୍ରେ ରସେଲଙ୍କ ବିସ୍ଫୋରକ ୪୨ ଏବଂ ରିଙ୍କୁ ସିଂଙ୍କ ବହୁମୂଲ୍ୟ ୨୧ ରନ ସହାୟତାରେ ୫ ଉ୍ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଛି । ପଞ୍ଜାବ ପକ୍ଷରୁ ରାହୁଲ ଚହର ସର୍ବାଧିକ ୨ଟି ଉ୍ୱିକେଟ୍ ନେଇଛନ୍ତି । ୧୮୦ ରନର ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଓହ୍ଲାଇଥିବା କୋଲକାତାର ଓପନର ଜାସନ ରୟ ଏବଂ ରହମନତୁଲ୍ଲା ଗୁରବାଜ ପ୍ରଥମ ଉ୍ୱିକେଟ୍ ପାଇଁ ୩୮ ରନ ଯୋଡ଼ିଥିଲେ । ଗୁରବାଜ(୧୫) ବିଦାୟ ନେଇଥିଲେ । କ୍ରିଜରେ ଜମି ଆସୁଥିବା ଜାସନ ରୟ ୨୪ ବଲ୍‌ରୁ ୮ ଚୌକା ସହ ୩୮ ରନ କରି ପାଭିଲିୟନ ଫେରିଥିଲେ । ଏହା ପରେ ଅଧିନାୟକ ନୀତିଶ ରାଣା ଏବଂ ଭେଙ୍କଟେଶ ଆୟର ତୃତୀୟ ଉ୍ୱିକେଟ୍‌ରେ ୫୧ ରନ ଯୋଡିଥିଲେ । ଦଳୀୟ ସ୍କୋର ୧୧୫ରେ ଆୟର(୧୧) ଆଉଟ୍ ହୋଇଥିଲେ । ତେବେ ନୀତିଶ ରାଣା ଆଉଟ୍ ହେବା କୋଲକାତାକୁ ବଡ ଝଟକା ଦେଇଥିଲା । ସେ ୩୮ ବଲ୍ ?ରୁ ୬ ଚୌକା ଏବଂ ୧ ଛକା ଜରିଆରେ ୫୧ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ । ମ୍ୟାଚ୍ ପଞ୍ଜାବ ଏବଂ କୋଲକାତା ଉଭୟଙ୍କ ହାତରେ ଥିବା ବେଳେ ଆନ୍ଦ୍ରେ ରସେଲ୍ କ୍ରିଜକୁ ଆସି ଧୂଆଁଧାର ବ୍ୟାଟିଂ କରିଥିଲେ । ସେ ୨୩ ବଲ୍‌ରୁ ୩ଟି ଲେଖାଏଁ ଚୌକା ଏବଂ ଛକା ମାରି ୪୨ ରନ କରିଥିଲେ । ସେ ଆଉଟ୍ ହେବା ପରେ ମ୍ୟାଚ୍‌ରେ ରୋମାଞ୍ଚ ଭରିଥିଲା । ଶେଷ ଓଭରର ଶେଷ ବଲ୍ ପର୍ଯ୍ୟନ୍ତ ଦୁଇ ଦଳ ମଧ୍ୟରେ ଛକାପଞ୍ଝା ଜାରି ରହିଥିଲା । ହେଲେ ରିଙ୍କୁ ସିଂ ବିଜୟ ସୂଚକ ଚୌକା ମାରି ଦଳକୁ ଆଉ ଏକ ଉତ୍କଣ୍ଠାପୂର୍ଣ୍ଣ ବିଜୟ ଦେଇଥିଲେ । ସେ ୧୦ ବଲ୍‌ରୁ ୨ଟି ଚୌକା ଏବଂ ୧ ଛକା ସହ ୨୧ ରନରେ ଅପରାଜିତ ଥିଲେ ।

# ଧୋନିଙ୍କୁ ପ୍ରଶଂସା କଲେ ତାମିଲନାଡୁ ମୁଖ୍ୟମନ୍ତ୍ରୀ



ଚେନ୍ନାଇ(ଏଜେନ୍ସି) : ଜମୁଛି ଆଇପିଏଲ୍ । ବଢୁଛି ଧୋନିଙ୍କ ମାନିଆ । ଦର୍ଶକ ଏବଂ କ୍ରିକେଟରମାନେ ତ ଧୋନିଙ୍କ ଫ୍ୟାନ୍ ଥିଲେ । ହେଲେ ଏବେ ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କ ଧୋନିଙ୍କ ଜଣେ ବଡ଼ ଫ୍ୟାନ୍ ବୋଲି କହିଛନ୍ତି । ଚେନ୍ନାଇରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ । ଏଥିରେ ଚେନ୍ନାଇ ସୁପର କିଙ୍ଗସ୍‌ର ଅଧିନାୟକ ମହେନ୍ଦ୍ର ସିଂହ ଧୋନି ବି ଯୋଗଦେଇଥିଲେ । ଏହା କାର୍ଯ୍ୟକ୍ରମରେ ଅଭିଭାଷଣ ରଖିବା ସମୟରେ ଷ୍ଟାଲିନ୍ କହିଛନ୍ତି ଯେ, ଧୋନିଙ୍କର ମୁଁ ଜଣେ ବଡ଼ ଫ୍ୟାନ୍ । ସେ ତାମିଲନାଡୁର ପୁଅ । ଆମେ ଆଶା କରୁଛି କି, ସେ ଚେନ୍ନାଇ ପାଇଁ ଏହିପରି ଭାବେ ଖେଳ ଜାରି ରଖିଥାନ୍ତୁ । ସମସ୍ତଙ୍କ ପାଇଁ ଧୋନି ପ୍ରେରଣା । ବିଗତ ଦିନରେ ଧୋନି ଯେତିକି ସଫଳତା ହାସଲ କରିଛନ୍ତି । ତାହା ହୁଏତ ଆଗାମୀ ଦିନରେ ଆଉ କୌଣସି କ୍ରିକେଟ୍‌ର ହାସଲ କରିବାକୁ ବହୁତ କଷ୍ଟ କରିବାକୁ ପଡିପାରେ । ଧୋନିଙ୍କ ଫ୍ୟାନମାନିଆ ଆମେ ଫିଲ୍ଡରେ ଦେଖୁଛି । ବହୁତ ଖୁସି ଲାଗୁଛି । ସୂଚନାଯୋଗ୍ୟ ଯେ, ଆଇପିଏଲ୍ ୨୪୫ଟି ମ୍ୟାଚ୍ ଖେଳି ୫୦୫୪ ରନ୍ ସଂଗ୍ରହ କରିଛନ୍ତି । ଏଥିରେ ତାଙ୍କର ସର୍ବାଧିକ ସ୍କୋର ୮୪ ରହିଛି । ଆଇପିଏଲ୍ କ୍ୟାରିୟରରେ ସେ ୨୪ଟି ଅର୍ଦ୍ଧଶତକ ହାସଲ କରିଛନ୍ତି । ଧୋନି ଆଇପିଏଲ୍‌ରେ ୧୩୫.୮୬ ଷ୍ଟ୍ରାଇକ୍ ରେଟ୍‌ରେ ରନ୍ ସଂଗ୍ରହ କରିଛନ୍ତି । ଚେନ୍ନାଇ ପାଇଁ ଅଧିନାୟକ କରି ଧୋନି ୪ର୍ଥର ଟିମ୍‌କୁ ଚମ୍ପିଆନ୍ କରାଇଛନ୍ତି । ୨୦୧୦, ୨୦୧୧, ୨୦୧୮, ୨୦୨୧ରେ ଚେନ୍ନାଇ ଟିମ୍ ଆଇପିଏଲ୍ ଟ୍ରଫି ହାତେଇଥିଲା । ଏହାବାଦ୍ ଚେନ୍ନାଇ ଟିମ୍ ମଧ ୨୦୧୦ ଏବଂ ୨୦୧୪ ଚମ୍ପିଆନ୍ ଲିଗ୍‌ରେ (ଟି-୨୦)ରେ ବିଜେତା ହୋଇଥିଲା । ସେହିପରି ୨୦୦୮, ୨୦୧୨, ୨୦୧୩, ୨୦୧୫, ୨୦୧୯ରେ ଚେନ୍ନାଇ ଟିମ୍ ଆଇପିଏଲ୍‌ରେ ରନର୍ସ ଅପ୍ ସାଜିଥିଲା । ଆଇପିଏଲ୍ ଇତିହାସରେ ଧୋନି ଏକମାତ୍ର ଖେଳାଳି ଯିଏ ୨୦୦ ମ୍ୟାଚ୍ ଖେଳିଛନ୍ତି ।

# ବିଶ୍ୱ ଟେଷ୍ଟ ଚମ୍ପିଆନସିପ ଫାଇନାଲ ପାଇଁ ଭାରତୀୟ ଟିମ୍ ଘୋଷଣା



ନୂଆଦିଲ୍ଲୀ(ଏଜେନ୍ସୀ): ଜୁନ୍ ୭ ତାରିଖରେ ଅଷ୍ଟ୍ରେଲିଆ ବିପକ୍ଷରେ ବିଶ୍ୱ ଟେଷ୍ଟ ଚମ୍ପିଆନସିପ ଫାଇନାଲ ଖେଳିବ ଟିମ ଇଣ୍ଡିଆ । ଏଥିପାଇଁ ଏବେଠାରୁ ନୂଆ ରଣନୀତି ଆରମ୍ଭ କରିସାରିଛି ଟିମ ମ୍ୟାନେଜମେଣ୍ଟ । ଅଷ୍ଟ୍ରେଲିଆକୁ ମାତ୍ ଦେବା ପାଇଁ ଦଳରେ ଅଚାନକ ୩ ଜଣ ନୂଆ ଏବଂ ଷ୍ଟାର ଖେଳାଳିଙ୍କ ଏଣ୍ଟ୍ରି କରାଯାଇଛି । ଯାହାଦ୍ୱାରା ଭାରତୀୟ ଦଳର ଆତ୍ମବିଶ୍ୱାସ ବଢିବା ସହିତ ଶକ୍ତିଶାଳୀ ମଧ ପାଲଟି ଯାଇଛି ରୋହିତ ସେନା । ଇଂଲଣ୍ଡର ଓଭାଲରେ ଇତିହାସ ରଚିବା ପାଇଁ ବ୍ରହ୍ମାସ୍ତ୍ର ସଜାଉଛନ୍ତି କୋଚ୍ ରାହୁଲ ଦ୍ରାବିଡ । ତେବେ ଏହି ମ୍ୟାଚ ପୂର୍ବରୁ ଅଭିଜ୍ଞ ଖେଳାଳି କେ.ଏଲ ରାହୁଲ ଆହତ ସମସ୍ୟା ଯୋଗୁଁ ଦଳରୁ ବାଦ୍ ପଡିଛନ୍ତି । ତେଣୁ ତାଙ୍କ ସ୍ଥାନରେ ଉ୍ୱିକେଟ କିପର ବ୍ୟାଟ୍ସମ୍ୟାନ ଦଳରେ ସ୍ଥାନ ପାଇଛନ୍ତି । ତାଙ୍କ ବ୍ୟତୀତ ଦଳରେ ଆଉ ୩ ଜଣଙ୍କୁ ସାମିଲ କରିଛି ଟିମ ଇଣ୍ଡିଆ । ଭାରତୀୟ ଦଳର ଟି-୨୦ ଷ୍ଟାର ସୂର୍ଯ୍ୟକୁମାର ଯାଦବ ଏବଂ ଚେନ୍ନାଇ ସୁପର କିଙ୍ଗସର ଷ୍ଟାର ବ୍ୟାଟ୍ସମ୍ୟାନ ଋତୁରାଜ ଗାଏକ୍ୱାଡ ଟେଷ୍ଟ ଚମ୍ପିଆନସିପର ଫାଇନାଲ ମ୍ୟାଚ ପାଇଁ ଦଳରେ ସାମିଲ ହୋଇଛନ୍ତି । ଏହି ଦୁଇ ଖେଳାଳିଙ୍କ ବ୍ୟତୀତ ଟିମ ଇଣ୍ଡିଆରେ ଦିଲ୍ଲୀ କ୍ୟାପିଟାଲ୍ସର ଷ୍ଟାର ବୋଲର ମୁକେଶ କୁମାରଙ୍କୁ ମଧ ସୁଯୋଗ ଦିଆଯାଇଛି । ତେବେ ଫାଇନାଲ ମ୍ୟାଚରେ ଏହି ୩ ଜଣ ଷ୍ଟାଣ୍ଡବାଏ ଖେଳାଳି ଭାବରେ ସାମିଲ ହୋଇଛନ୍ତି । ଅଷ୍ଟ୍ରେଲିଆ ବିପକ୍ଷରେ ଫେଲ ମାରିବା ସହ ଆଇପିଏଲର ପ୍ରଥମ କିଛିଟା ମ୍ୟାଚରେ ପ୍ରଦର୍ଶନ କରିଥିଲେ ସୂର୍ଯ୍ୟକୁମାର । କିନ୍ତୁ ବର୍ତ୍ତମାନ ସେ ପୁଣିଥରେ କମବ୍ୟାକ କରିସାରିଛନ୍ତି ଏବଂ ଫାଇନାଲ ମ୍ୟାଚରେ ସୁଯୋଗ ପାଇଲେ ପ୍ରମୁଖ ଭୂମିକା ତୁଲାଇବେ ବୋଲି ଆଶା କରାଯାଉଛି । ଏହାବ୍ୟତୀତ ଋତୁରାଜ ଗାଏକ୍ୱାଡ ଲଗାତାର ଚେନ୍ନାଇ ପାଇଁ ଭଲ ପ୍ରଦର୍ଶନ କରି ଆସୁଛନ୍ତି । ତେଣୁ ଭାରତୀୟ ଟିମ ତାଙ୍କ ଉପରେ ଭରସା କରିଛି । ସେହିପରି ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ମୁକେଶ କୁମାରଙ୍କ ପ୍ରଦର୍ଶନ ଖୁବ ସୁନ୍ଦର ରହିଛି । ଯେଉଁଥିପାଇଁ ଷ୍ଟାଣ୍ଡବାଏ ଖେଳାଳି ଭାବରେ ସେ ଟିମ ଇଣ୍ଡିଆରେ ସାମିଲ ହୋଇଛନ୍ତି । ଏହାପୂର୍ବରୁ ଚେନ୍ନାଇ ପାଇଁ ଜବରଦସ୍ତ ଖେଳ ଦେଖାଇ ଭାରତୀୟ ଦଳରେ ନିଜ ସ୍ଥାନ ଫେରି ପାଇଛନ୍ତି ପୂର୍ବତନ ଉପ-ଅଧିନାୟକ ଅଜିଙ୍କ୍ୟା ରାହାଣେ । ବିଶ୍ୱ ଟେଷ୍ଟ ଚମ୍ପିଆନସିପ ପାଇଁ ଭାରତୀୟ ଦଳ: ରୋହିତ ଶର୍ମା(ଅଧିନାୟକ), ଶୁଭମନ ଗିଲ, ଚେତେଶ୍ୱର ପୂଜାରା, ବିରାଟ କୋହଲି, ଅଜିଙ୍କ୍ୟା ରାହାଣେ, ଇଶାନ କିଶାନ, କେ.ଏସ ଭରତ, ରବିଚନ୍ଦ୍ରନ ଅଶ୍ୱୀନ, ରବିନ୍ଦ୍ର ଜାଡେଜା, ଅକ୍ସର ପଟେଲ, ଶାର୍ଦ୍ଦୁଳ ଠାକୁର, ମହମ୍ମଦ ଶାମୀ, ମହମ୍ମଦ ସିରାଜ, ଉମେଶ ଯାଦବ, ଜୟଦେବ ଉନାଦକଟ ଷ୍ଟାଣ୍ଡବାଏ ଖେଳାଳି: ସୂର୍ଯ୍ୟକୁମାର ଯାଦବ, ଋତୁରାଜ ଗାଏକ୍ୱାଡ, ମୁକେଶ କୁମାର

# ନୋ-ହିଟ୍ ମ୍ୟାନ୍ ରୋହିତ ଶର୍ମା:ଶ୍ରୀକାନ୍ତ ଶର୍ମା



ମୁମ୍ବାଇ(ଏଜେନ୍ସି): ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ଦଳର ଅଧିନାୟକ ରୋହିତ ଶର୍ମାଙ୍କ ବ୍ୟାଟ୍ ନୀରବ ରହିଛି । ଅର୍ଥାତ୍ ଚଳିତ ଫଟାଫଟ୍ ଫର୍ମାଟରେ ରୋହିତ ଶର୍ମାଙ୍କ ଫର୍ମ ଅତି ଖରାପ ରହିଛି । ତାଙ୍କର ବ୍ୟାଟିଂ ରେଟିଂରୁ ଏହା ସ୍ପଷ୍ଟ ହୋଇଛି । ରୋହିତ ଏହି ଆଇପିଏଲରେ ବ୍ୟାଟ୍ ସହିତ ୧୦ଟି ମ୍ୟାଚ୍ ଖେଳି ୧୮୪ ରନ୍ ସଂଗ୍ରହ କରିଛନ୍ତି । ଅର୍ଥାତ୍ ବ୍ୟାଟିଂ ହାରାହାରି ହେଉଛି ୧୮.୪୦ । ଆଇପିଏଲ୍ ର ସମସ୍ତ ସିଜିନ୍‌ରେ ଏହି ତାଙ୍କର ସବୁଠୁ ଖରାପ ପ୍ରଦର୍ଶନ । ରୋହିତ ଗତ ଆଇପିଏଲ୍ ସିଜିନରେ ବିଶେଷ କିଛି ପ୍ରଦର୍ଶନ କରିନଥିଲେ । ୧୪ଟି ମ୍ୟାଚରୁ କରିଥିଲେ ୨୬୮ ରନ୍ । ସେତେବେଳେ ରୋହିତଙ୍କ ରନ୍ ରେଟ୍ ଥିଲା ୧୯.୧୪ ଥିଲା । ଏଠାରେ କହିରଖୁ ଯେ, ରୋହିତ ୨୦୦୮ ମସିହାରୁ କ୍ରମାଗତ ଭାବରେ ଆଇପିଏଲରେ ଅଂଶ ରହିଆସୁଛନ୍ତି । କିନ୍ତୁ ତାଙ୍କ ବ୍ୟାଟିଂ ରେଟ୍ ଏତେ ଖରାପ ନଥିଲେ । ରୋହିତ ଶର୍ମା ଗତ ଦୁଇଟି ମ୍ୟାଚ୍‌ରେ ମଧ ଖାତା ଖୋଲିପାରିନଥିଲେ । ଏହା ପୂର୍ବରୁ ତିନୋଟି ଇନିଂସରେ ସେ ୩, ୨ ,୪୪ ରନ୍ ସ୍କୋର କରିଥିଲେ । ଅର୍ଥାତ୍ ଗତ ପାଞ୍ଚ ଇନିଂସରେ ତାଙ୍କ ବ୍ୟାଟରୁ ମାତ୍ର ୪୯ରନ୍ ଆସିଛି । ଶୂନ୍‌ରେ ଆଉଟ୍ ହେବାରେ ରୋହିତ୍ ଶର୍ମାଙ୍କର ଏହା ୧୬ ଥର ହେବ । ତେବେ ରୋହିତଙ୍କ ଏମିତି ଫର୍ମ ନେଇ ମୁହଁ ଖୋଲିଛନ୍ତି ପୁରୁଖା ଖେଳାଳି । ଚେନ୍ନାଇ ବିପକ୍ଷରେ ସେ ଶୂନ୍‌ରେ ଆଉଟ୍ ହେବା ପରେ ଶ୍ରୀକାନ୍ତ ଶର୍ମା ରୋହିତ୍ ଶର୍ମାଙ୍କ ହିଟ୍ ମ୍ୟାନ୍ ଆଖ୍ୟାକୁ ସେ ନୋ-ହିଟ୍ ମ୍ୟାନ୍ ବୋଲି କହିଛନ୍ତି । ସେ ଆହୁରି କହିଛନ୍ତି ବର୍ତ୍ତମାନ୍ ରୋହିତ ଶର୍ମାଙ୍କୁ ଛୁଟି ନେଇଯିବା ଦରକାର । ଲିଟିଲ ମାଷ୍ଟର କହିଥିଲେ ଯେ ହିଟ୍ ମ୍ୟାନ ଚାହିଁଲେ ଆଇପିଏଲର ଶେଷ କିଛି ଲିଗ୍ ମ୍ୟାଚ୍ ଖେଳିପାରିବେ । ଗାଭାସ୍କର କହିଛନ୍ତି ଯଦି ସେ ସାମୟିକ ବିରତି ନିଅନ୍ତି ତେବେ ସେ ବିଶ୍ୱ ଟେଷ୍ଟ ଚାମ୍ପିଅନ୍ ଖାଳିବାକୁ ଢେର ସମୟ ପାଇବେ ।


## ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

## ପ୍ରଜାତନ୍ତ୍ର ସାପ୍ତାହିକୀ

**୭ ମେ-୧୩ ମେ ୨୦୨୩**




କ୍ରାଇମ୍ ଆଣ୍ଡ୍ ପଲିଟିକ୍ସ, ଅତିକ୍‌ର ହତ୍ୟା

ଉତ୍ତର ପ୍ରଦେଶରେ ମାଫିଆ ରାଜକୁ ସମାପ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶପଥ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ଭାବେ ଉତ୍ତର ପ୍ରଦେଶ ଶାସନ ଭାର ସମ୍ଭାଳିଲେ । ମୁଖ୍ୟମନ୍ତ୍ରୀ ହେବା ପରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଯୋଗୀ ଘୋଷଣା କରିଥିଲେ ଯେ ରାଜ୍ୟରୁ ମାଫିଆମାନଙ୍କୁ ମାଟିରେ ମିଶାଇ ଦିଆଯିବ । ଏହାପରେ ରାଜ୍ୟରୁ ମାଫିଆମାନଙ୍କୁ ଆସ୍ତେ ଆସ୍ତେ ସଫାକରିଚାଲିଥିବା ସମୟରେ ଏବେ ଆଉ ଏକ ଘଟଣା ଘଟିଯାଇଛି ଯାହାକି ଦେଶରେ ଖୁବ୍ ଚର୍ଚ୍ଚା ଚାଲିଛି । ଏ ଘଟଣାଟି ଏଇଥିପାଇଁ ସତନ୍ତ୍ର ଯେ ଦୁଇଜଣ ମାଫିଆ ଅର୍ଥାତ୍ ଗ୍ୟାଙ୍ଗଷ୍ଟର ଅତିକ ଅହମ୍ମଦ ଓ ତା'ର ଭାଇ ଅସରଫ ଅହମ୍ମଦ ପୋଲିସ କଷ୍ଟୋଡ଼ି ମଧ୍ୟରେ ଗୁଳିବିଦ୍ଧ ହୋଇ ପ୍ରାଣ ହରାଇଛନ୍ତି । ଏପ୍ରିଲ ୧୫ ତାରିଖ ରାତି ୧୦.୩୦ ସମୟରେ ଗ୍ୟାଙ୍ଗ୍‌ଷ୍ଟର ଅତିକ ଅହମଦ ଓ ତାଙ୍କ ଭାଇ ଅଶରଫ ପୁଲିସ କର୍ଡନ ମଧ୍ୟରେ ଚାଲିଚାଲି ମେଡିକାଲ ଚେକଅପ ପାଇଁ ଉତ୍ତର ପ୍ରଦେଶର ପ୍ରୟାଗରାଜ ହସ୍ପିଟାଲ ଭିତରକୁ ଯାଉଥିଲେ । ଏହି ସମୟରେ ସାମ୍ବାଦିକମାନେ ସେମାନଙ୍କର ଅତି ନିକଟତର ହେବା ସହ ବାଇଟ ନେବାକୁ ଚେଷ୍ଟା କରିଥିଲେ । ଅତିକ ଓ ଅଶରଫ ମଧ ବାଇଟ ଦେଉଥିଲେ ।

**ଜାତୀୟ:** ନିର୍ଣ୍ଣାୟକ ମୋଡ଼ରେ କର୍ଣ୍ଣାଟକ ନିର୍ବାଚନ

**ସ୍ୱତନ୍ତ୍ର ପ୍ରସଙ୍ଗ:** ସମ୍ବଲପୁର ଦଙ୍ଗା ସଂଯୋଗ ନା ପ୍ରୟୋଗ

**ନାରୀ:** ଖରା ପାଇଁ ମୁଖ ମଳିନ ଦିଶୁଥିଲେ ଆପଣାନ୍ତୁ ଏହି ଉପାୟ

**କ୍ଷୁଦ୍ରଗଳ୍ପ:** ବୁଢ୍ଢୁ

**ଚଳଚ୍ଚିତ୍ର:** ଧମକକୁ ନେଇ ମୁହଁ ଖୋଲିଲେ ସଲମାନ, ସିଦ୍ଧିବିନାୟକଙ୍କୁ ଦର୍ଶନ କଲେ ସୂରଜ, ଆସନ୍ତା ମାସରେ ବିବାହ କରିବେ କରନ ଦେଓଲ, ବାଥ୍ ରୁମ୍‌ରେ ଲଞ୍ଚ୍ କରୁଥିଲେ ପ୍ରିୟଙ୍କା, ଭିକିଙ୍କ ସହ ରୋମାନ୍ସ କରିବେ ରଶ୍ମିକା, ବିଦେଶ ଗଲେ ଆଲିଆ, ପୁଣି ବାପା ହେବେ ଅର୍ଜୁନ, ରିଲିଜ୍ ହେଲା 'ଆଦିପୁରୁଷ'ର ପୋଷ୍ଟର

**ଖେଳ:** ଇସ୍ତଫା ଦେବାକୁ ମନା କଲେ ବ୍ରଜଭୂଷଣ, ପାରିବାରିକ ସମସ୍ୟା କାରଣରୁ ସ୍ୱଦେଶ ଫେରିଲେ ଲିଟନ ଦାସ, ଆଇପିଏଲ୍‌ର ସବୁଠାରୁ ସଫଳତମ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା, ପୁଣି ନମ୍ବର ୱାନ୍ ହେଲେ କ୍ୟାପଟେନ୍ କୁଲ ମହେନ୍ଦ୍ର ସିଂହ ଧୋନି, ନିଜର ପ୍ରଶଂସକଙ୍କୁ ସରପ୍ରାଇଜ୍ ଦେଲେ ରୋହିତ ଶର୍ମା, ସ୍ୱର୍ଣ୍ଣ ପଦକ ବିଜେତା ମୁଷ୍ଟି ଯୋଦ୍ଧା କୌର ସିଂହଙ୍କ ପରଲୋକ

ଏବଂ **ଶେଷପୃଷ୍ଠା** ରେ ଭର୍ତ୍ତୃହରି ମହତାବଙ୍କ "ରାହୁଲଙ୍କ ଭବିଷ୍ୟତ: ରଣ ଓ ରାସ୍ତା"

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ଚୟନକର୍ତ୍ତାଙ୍କ ସରଫରାଜ ଖାନଙ୍କୁ ଅଣଦେଖା !



ନୂଆଦିଲ୍ଲୀ(ଏଜେନ୍ସି): ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଅଷ୍ଟ୍ରେଲିଆ ବିପକ୍ଷ ଆଗାମୀ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲ୍ ପାଇଁ ଆହତ କେଏଲ ରାହୁଲଙ୍କ ସ୍ଥାନରେ ଉ୍ୱିକେଟ୍ କିପର ବ୍ୟାଟର ଇଶାନ କିଷନଙ୍କୁ ଦଳରେ ସାମିଲ୍ କରିଛି । ଜୁନ ୭ରେ ଲଣ୍ଡନର ଦ ଓଭାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯିବାକୁ ଥିବା ଫାଇନାଲ୍ ପାଇଁ ଚୟନକର୍ତ୍ତା ଷ୍ଟାଣ୍ଡ ବାଇ ଖେଳାଳିଙ୍କ ନାମ ମଧ ଘୋଷଣା କରି ସାରିଛି । କେଏଲ ରାହୁଲ ଯେବେ ଆହତ ହେଲେ ତେବେ ଅନୁମାନ କରାଯାଉଥିଲା ଯେ, ସରଫରାଜ ଖାନଙ୍କୁ ତାଙ୍କ ସ୍ଥାନରେ ଦଳରେ ସୁଯୋଗ ମିଳିପାରେ । ହେଲେ ଏମିତି ହୋଇନାହିଁ, ସରଫରାଜ ଖାନଙ୍କୁ ଚୟନକର୍ତ୍ତା ପୁଣି ଥରେ ଅଣଦେଖା କରିଛନ୍ତି । ମୁମ୍ବାଇ ପକ୍ଷରୁ ଘରୋଇ କ୍ରିକେଟ୍‌ରେ ରନର ପାହାଡ଼ ଛିଡ଼ା କରିଥିବା ସରଫରାଜ ଖାନ ବୁଝି ପାରୁନାହାନ୍ତି ଯେ, ସେ କଣ ଆଉ କରି ପାରିବେ । ତାଙ୍କୁ ଚୟନକର୍ତ୍ତା ରିଜର୍ଭ ଖେଳାଳି ଯୋଗ୍ୟ ବି ଭାବିଲେ ନାହିଁ । ଆଇପିଏଲ୍ ୨୦୨୩ରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଖେଳୁଥିବା ସରଫରାଜ ଖାନ ଚଳିତ ସିଜିନର ରଣଜୀ ଟ୍ରଫିରେ ୮ଟି ଇନିଂସରେ ୫୫୬ ରନ କରିଥିଲେ, ଯେଉଁଥିରେ ୩ ଶତକ ସାମିଲ୍ । ସରଫରାଜ ଗତ ଅନେକ ସିଜିନରେ ନିୟମିତ ରନ କରି ଚାଲିଛନ୍ତି । ମାତ୍ର ତାଙ୍କୁ ଜାତୀୟ ଦଳରେ ସୁଯୋଗ ମିଳୁନି । ଅନ୍ୟପଟେ ଇଶାନ କିଷନ ମଧ ଟେଷ୍ଟ ପଦାର୍ପଣକୁ ଅପେକ୍ଷା କରି ରହିଛନ୍ତି । ଇଶାନଙ୍କୁ ଗତ ବର୍ଷ ବାଂଲାଦେଶ ବିପକ୍ଷ ଟେଷ୍ଟ ଦଳରେ ସାମିଲ୍ କରାଯାଇଥିଲା । ମାତ୍ର ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିନଥିଲା । ଚୟନକର୍ତ୍ତା ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ୍ ପାଇଁ ରିଜର୍ଭ ଖେଳାଳି ଭାବେ ସୂର୍ଯ୍ୟକୁମାର ଯାଦବ ଏବଂ ଋତୁରାଜ ଗାଏକୱାଡ଼ଙ୍କୁ ଦଳରେ ସାମିଲ୍ କରିଛନ୍ତି । ଇଶାନ କିଷନ ବନାମ ସରଫରାଜ ଖାନ ୨୪ ବର୍ଷୀୟ ଇଶାନ କିଷନ ୪୮ଟି ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ୬ ଶତକ ଏବଂ ୧୬ ଅର୍ଦ୍ଧଶତକ ସହ ୩୮.୭୬ ହାରରେ ୨୯୮୫ ରନ କରିଛନ୍ତି । ଷ୍ଟ୍ରାଇକ ରେଟ୍ ପାଖାପାଖି ୬୯ ରହିଥିବା ବେଳେ ତାଙ୍କର ସର୍ବୋଚ୍ଚ ସ୍କୋର ୨୭୩ ରନ ରହିଛି । ଅନ୍ୟପଟେ ସରଫରାଜ ଖାନ ୩୭ଟି ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ୧୩ ଶତକ ଏବଂ ୯ ଅର୍ଦ୍ଧଶତକ ଦମରେ ୩୫୦୫ ରନ କରିଛନ୍ତି । ଏହି ସମୟରେ ତାଙ୍କର ବ୍ୟାଟିଂ ହାର ୭୯.୬୫ ରହିଥିବା ବେଳେ ସର୍ବୋଚ୍ଚ ସ୍କୋର ୩୦୧ ରନ ରହିଛି । ଏ ପର୍ଯ୍ୟନ୍ତ ସେ ୭୦.୨୧ ଷ୍ଟ୍ରାଇକ୍ ରେଟ୍‌ରେ ରନ କରିଛନ୍ତି ।

# ଜୋଫ୍ରା ଆର୍ଚରଙ୍କ ବଦଳରେ କ୍ରିସ୍ ଜୋର୍ଡାନ ଆଇପିଏଲ୍‌ରେ ସାମିଲ



ମୁମ୍ବାଇ(ଏଜେନ୍ସୀ): ଆଇପିଏଲ ୨୦୨୩ ସଂସ୍କରଣରୁ ବାଦ ପଡ଼ିଲେ ଜୋଫ୍ରା ଆର୍ଚର । ଆହତ ସମସ୍ୟା କାରଣରୁ ସେ ମୁମ୍ବାଇ ଇଣ୍ଡିଆନ୍ସରୁ ବାଦ ପଡ଼ିଛନ୍ତି । ଏନେଇ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଜୋଫ୍ରା ସ୍ଥାନରେ ଇଂଲଣ୍ଡର ଦ୍ରୁତ ବୋଲର କ୍ରିସ୍ ଜୋର୍ଡାନଙ୍କୁ ସାମିଲ କରାଯାଇଛି । ଜୋଫ୍ରା ଆର୍ଚର ୨୦୨୧ରୁ ଆହତ ସମସ୍ୟା ଦେଇ ଗତି କରୁଥିଲା । ଗତ ୨୬ ମାସରେ ତାଙ୍କର ୬ଟି ସର୍ଜରୀ ହୋଇଛି । ଆହତରୁ ସମ୍ପୂର୍ଣ୍ଣ ଫିଟ୍ ହୋଇନଥିବାରୁ ତାଙ୍କୁ ଇଂଲଣ୍ଡ ଫେରି ଯିବାକୁ ପଡ଼ିଛି । ମୁମ୍ବାଇ ଇଣ୍ଡିଆନ୍ସ ଏକ ବୟାନ ଜାରି କରି କହିଛି, ଆଇପିଏଲରେ ବାକି ମ୍ୟାଚ୍ ପାଇଁ ଦ୍ରୁତ ବୋଲର କ୍ରିସ୍ ଜୋର୍ଡାନଙ୍କୁ ଦଳରେ ସାମିଲ କରାଯାଇଛି । ଜୋର୍ଡାନ ୨୦୧୬ରେ ଆଇପିଏଲରେ ଡେବ୍ୟୁ କରିଥିଲେ । ସେ ମୋଟ୍ ୨୮ଟି ମ୍ୟାଚ ଖେଳି ୨୭ଟି ଉ୍ୱିକେଟ୍ ନେଇଛନ୍ତି । ମୁମ୍ବାଇ ଇଣ୍ଡିଆନ୍ସ ତାଙ୍କୁ ୨କୋଟି ଟଙ୍କା ବେସ୍ ପ୍ରାଇସରେ କିଣିଥିଲା ।

# ମୁମ୍ବାଇ ଇଣ୍ଡିଆନ୍ସକୁ ୨୦୦ରନ୍ ଟାର୍ଗେଟ୍ ଦେଲା ବାଙ୍ଗାଲୋର

ମୁମ୍ବାଇ(ଏଜେନ୍ସୀ): ଅଧିନାୟକ ଫାଫ ଡୁପ୍ଲେସିସ୍ ଏବଂ ମାକ୍ସୱେଲ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ଖେଳାଯାଉଥିବା ଚଳିତ ସଂସ୍କରଣର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଚ୍ୟାଲେଞ୍ଜିଂ ସ୍କୋର କରିଛି । ପ୍ରଥମେ ବ୍ୟାଟିଂ କରି ବାଙ୍ଗାଲୋର ନିର୍ଦ୍ଧାରିତ ଓଭରରେ ୬ ଉ୍ୱିକେଟ୍ ହରାଇ ୧୯୯ ରନ କରିଛି । ମ୍ୟାଚ୍ ଜିତିବା ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ସମ୍ମୁଖରେ ରହିଛି ୨୦୦ ରନର ବିଜୟ ଲକ୍ଷ୍ୟ । ଫାଫ୍(୬୫ ରନ) ଏବଂ ମ୍ୟାକ୍ସୱେଲ୍(୬୮ ରନ) ତୃତୀୟ ଉ୍ୱିକେଟ୍ ପାଇଁ ୧୨୦ ରନ ଯୋଡ଼ିବାରୁ ବାଙ୍ଗାଲୋର ଏହି ସ୍କୋର କରି ପାରିଛି । ମୁମ୍ବାଇ ପକ୍ଷରୁ ଜାସନ ବେହରନଡଫ ୩୬ ରନ ଦେଇ ୩ଟି ଉ୍ୱିକେଟ୍ ନେଇଛନ୍ତି । ଏହା ପୂର୍ବରୁ ଟସ୍ ଜିତି ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ବାଙ୍ଗାଲୋରର ଆରମ୍ଭ ଭଲ ନଥିଲା । ପ୍ରଥମ ଓଭରରେ ହିଁ ବଡ଼ ଝଟକା ଲାଗିଥିଲା । ଇନଫର୍ମ ବ୍ୟାଟର ବିରାଟ କୋହଲି(୧) ପାଭିଲିୟନ ଫେରିଥିଲେ । ପୁଣି ଅନୁଜ ରାଓ୍ୱତ(୬) ଅଧିକ ସମୟ କ୍ରିଜରେ ତିଷ୍ଠି ପାରିନଥିଲେ । ଏହା ପରେ ଅଧିନାୟକ ଫାଫ ଡୁପ୍ଲେସିସ୍ ଏବଂ ଗ୍ଲେନ ମ୍ୟାକ୍ସୱେଲ୍ ଜୋରଦାର ପ୍ରହାର କରି ମୁମ୍ବାଇ ବୋଲରଙ୍କୁ ଚାପରେ ରଖିଥିଲେ । ଦୁଇ ବ୍ୟାଟର ନିଜ ନିଜର ଅର୍ଦ୍ଧଶତକ ହାସଲ କରି ତୃତୀୟ ଉ୍ୱିକେଟ୍ ପାଇଁ ୧୨୦ ରନ ଯୋଡ଼ିଥିଲେ ।


## ବଡ଼ମ୍ବା ବ୍ଲକ ପାଇଁ ପ୍ରତିନିଧି ଆବଶ୍ୟକ

ବଡ଼ମ୍ବା ବ୍ଲକ ପାଇଁ ପ୍ରତିନିଧି ଆବଶ୍ୟକ । ଇଚ୍ଛୁକ ବ୍ୟକ୍ତି ୭ ଦିନ ମଧ୍ୟରେ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ ।

**ପରିଚାଳନା ସମ୍ପାଦିକା**
**ପ୍ରଜାତନ୍ତ୍ର ପ୍ରଚାର ସମିତି**
**ବିହାରୀବାଗ,**
**ଚାନ୍ଦିନଚୌକ, କଟକ**
**ମୋ: ୯୪୩୮୫୧୨୫୬୫, ୯୮୬୧୬୮୦୩୬୫**


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583